CMYK

- Vol.- 46, Issue No. 127
- Thursday, 6 August 2026
- ଗୁରୁବାର, ୬ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# କର୍କଟର ଜଟିଳ ଚିକିତ୍ସା ଏଣିକି ସମ୍ପୂର୍ଣ୍ଣ ଦେୟମୁକ୍ତ



★ ଏବିପିଏମଜେଏୱାଇ–ଜିଜେଏୱାଇରେ ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ

★ ଅତିରିକ୍ତ ୯୧ ସ୍ୱତନ୍ତ୍ର ପ୍ୟାକେଜ ସାମିଲ

ଭୁବନେଶ୍ୱର,୫ ।୮: ରାଜ୍ୟରେ କର୍କଟ ରୋଗୀମାନଙ୍କୁ ଅଧିକ ବ୍ୟାପକ, ସମୟୋପଯୋଗୀ ଓ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ଥିବା ଅତିରିକ୍ତ ୯୧ଟି କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ର ସମନ୍ୱିତ ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରାଯାଇଛି। ଫଳରେ ରାଜ୍ୟର କ୍ୟାନସର ରୋଗୀ ମାନେ ଅଧିକ ସଂଖ୍ୟକ ଜଟିଳ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ପାଇପାରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ମନ୍ତ୍ରୀ କହିଛନ୍ତି ଯେ, କର୍କଟ ବା କ୍ୟାନସର ପାଇଁ ରାଜ୍ୟ ସରକାର ନିଜ ଉଦ୍ୟମରେ ଦେୟମୁକ୍ତ ଚିକିତ୍ସା ଯୋଗାଇଦେବେ । ୨୦୨୬-୨୭ ବଜେଟରେ ଏଥି ନିମନ୍ତେ ୩୧୧ କୋଟି ପ୍ରବଧାନ କରାଯାଇଛି। ଗୋଷ୍ଠୀ ସଚେତନତା, ମୋବାଇଲ କ୍ୟାମ୍ପ, ଡିଜିଟାଲ-ହବ ଏବଂ ସ୍ପୋକ ମଡେଲ ଏବଂ ମାଗଣା ଯାତାୟତ ସୁବିଧା ନିମନ୍ତେ ଖର୍ଚ୍ଚ ହେବ । ଓଡ଼ିଶାରେ ଏ.ବି.ପି.ଏମ୍.ଜେ.ଏ.ୱାଇ. ଓ ଜି.ଜେ.ଏ.ୱାଇ.ର ସମନ୍ୱିତ କାର୍ଯ୍ୟକାରିତା ଆରମ୍ଭ ବେଳେ ଏହି ଯୋଜନାରେ ୨୧୬୩ଟି ଚିକିତ୍ସା ପ୍ୟାକେଜ ଉପଲବ୍ଧ ଥିଲା । ବର୍ତ୍ତମାନ ୯୧ଟି ନୂତନ ପ୍ୟାକେଜ ସାମିଲ ହେବା ପରେ ମୋଟ ଚିକିତ୍ସା ପ୍ୟାକେଜର ସଂଖ୍ୟା ୨୨୫୪ରେ ପହଞ୍ଚିଛି। କ୍ୟାନସର ଭଳି ଜଟିଳ ଓ ପ୍ରାଣଘାତୀ ରୋଗରେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଏବଂ ବୈଜ୍ଞାନିକ ଚିକିତ୍ସା ଅତ୍ୟନ୍ତ ଜରୁରୀ। ଏହି ରୋଗର ଚିକିତ୍ସା ସର୍ଜରୀ, କେମୋଥେରାପି, ରେଡିଏସନ, ଅଙ୍କୋଲୋଜି ଏବଂ ଅନ୍ୟାନ୍ୟ ବହୁ ବିଭାଗର ସମନ୍ୱିତ ଚିକିତ୍ସା ପଦ୍ଧତି ଉପରେ ନିର୍ଭରଶୀଳ । ସାଧାରଣ ଲୋକ ଏହି ରୋଗରେ ପୀଡ଼ିତ ହୋଇ ଖର୍ଚ୍ଚାନ୍ତ ହେଉଥିବାରୁ ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି କ୍ୟାନସର ଚିକିତ୍ସା ପ୍ୟାକେଜକୁ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସାମିଲ କରିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏହି ୯୧ଟି ପ୍ୟାକେଜକୁ ଅନୁମୋଦନ କରି ଏ.ବି.ପି.ଏମ୍.ଜେ.ଏ.ୱାଇ. – ଜି.ଜେ.ଏ.ୱାଇ. ପ୍ୟାକେଜ ମାଷ୍ଟରରେ ସ୍ୱତନ୍ତ୍ର ରାଜ୍ୟ ପ୍ୟାକେଜ ଭାବେ ସାମିଲ କରିଛନ୍ତି । ଏହି ସମସ୍ତ ପ୍ୟାକେଜ ଅନୁଯାୟୀ ଦେୟମୁକ୍ତ ଚିକିତ୍ସା ସେବା ପ୍ରଦାନ ପାଇଁ ରାଜ୍ୟର ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ନିର୍ଦ୍ଦେଶ ଜାରି କରାଯାଇଛି ।ଏହି ନୂତନ ବ୍ୟବସ୍ଥାର ସୁଫଳ ରାଜ୍ୟର ଅନେକ କ୍ୟାନସର ରୋଗୀ ଇତିମଧ୍ୟରେ ପାଇବା ଆରମ୍ଭ କରିଛନ୍ତି।

## ବିରୋଧ ପ୍ରଦର୍ଶନ ପ୍ରସଙ୍ଗ ନେଇ 'ସୁପ୍ରିମ' ଟିପ୍ପଣୀ

# ଯୁବବର୍ଗଙ୍କୁ ବୁଝାଇ ଦିଅ, ଶାନ୍ତ କରାଅ

- ପୋଲିସ ସଂଯମତା ଅବଲମ୍ବନ କରୁ
- ସମସ୍ୟା ଶୁଣିବା ସବୁଠାରୁ ବଡ଼ ମାଧ୍ୟମ



ନୂଆଦିଲ୍ଲୀ,୫ ।୮: ବିରୋଧ ପ୍ରଦର୍ଶନ ସମୟରେ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଗୁଡ଼ିକ ସଂଯମତା ଅବଲମ୍ବନ କରିବା ସହ ଯୁବବର୍ଗଙ୍କୁ ବୁଝାସୁଝା କରି ଶାନ୍ତ କରାଇବା ଉଚିତ। ବୁଧବାର ସୁପ୍ରିମକୋର୍ଟ ଏପରି ମର୍ମରେ ଗୁରୁତ୍ୱାରୋପ କରିଛନ୍ତି। ଯଦିଓ କେତେକ ବିପଥଗାମୀ ବ୍ୟକ୍ତି ଢେଲା ମାଡ଼ ଭଳି ହିଂସାରେ ସାମିଲ ହୁଅନ୍ତି, ତଥାପି ସରକାରୀ ଶକ୍ତିର ଆକ୍ରମଣାତ୍ମକ ମନୋଭାବ ସ୍ଥିତିକୁ ଆହୁରି ଜଟିଳ କରିପାରେ। ଗତ ଜୁଲାଇ ୨୦ରେ ଅନୁଷ୍ଠିତ 'ସଂସଦ ଚାଲ' ପଦଯାତ୍ରା ସମୟରେ ହିଂସା ଉସୁକାଇଥିବା ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦାୟର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଏହା କହିଛନ୍ତି ।ଶୁଣାଣି ସମୟରେ ଆବେଦନକାରୀ ମନୀଷ କୁମାର ସୋଲାଙ୍କିଙ୍କ ଆଇନଜୀବୀ ରିଜୱାନ ଅହମ୍ମଦ ଯୁକ୍ତି କରିଥିଲେ ଯେ, ଆନ୍ଦୋଳନକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାର ନମନୀୟ ହେବା ଉଚିତ ନୁହେଁ। ଗୋଟିଏ ସ୍ଥାନରେ ନମନୀୟତା ଦେଖାଇଲେ ଏହା ଅନ୍ୟ ରାଜ୍ୟଗୁଡ଼ିକରେ ଗ୍ରହଣୀୟ ହୋଇ ଏକ ଖରାପ ନଜିର ସୃଷ୍ଟି କରିବ। ସଂସଦ ଭବନ ଆଡ଼କୁ ମାଡ଼ି ଚାଲିଥିବା ଆନ୍ଦୋଳନକାରୀ ଏବଂ ହିଂସାର ଆୟୋଜକ ମାନଙ୍କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରାଯିବା ଆବଶ୍ୟକ। ଏହାର ପ୍ରତିଉତ୍ତରରେ ପ୍ରଧାନ ବିଚାରପତି କହିଥିଲେ ଯେ, ଯୁବକମାନଙ୍କୁ ପରାମର୍ଶ ଓ ବୁଝାସୁଝା କରିବା ଆବଶ୍ୟକ। ସେମାନଙ୍କ ସମସ୍ୟା ଶୁଣିବା ସବୁଠାରୁ ବଡ଼ ମାଧ୍ୟମ। ତେବେ ଏପରି ପରିସ୍ଥିତିର ମୁକାବିଲା କିପରି କରାଯିବ, ତାହା ଆଇନ ଶୃଙ୍ଖଳା ସଂସ୍ଥାଗୁଡ଼ିକର ବିଚାରବୁଦ୍ଧି ଉପରେ ଛାଡ଼ିଦେବା ଉଚିତ। ଏହାସହ ଆବେଦନରେ ପୁଲିସ ଓ ସୁରକ୍ଷା କର୍ମୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କ ଦ୍ୱାରା ସାମାଜିକ ସେବା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି।

## କୋଇଲା ରୟାଲଟି ବୃଦ୍ଧିକୁ କେନ୍ଦ୍ରର ନା'

ନୂଆଦିଲ୍ଲୀ,୫ ।୮: ରାଜ୍ୟସଭାରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଏବେ ଓଡ଼ିଶାର କୋଇଲା ରୟାଲଟି ବଢ଼ାଇବାର କୌଣସି ପ୍ରସ୍ତାବ ନାହିଁ। ରାଜ୍ୟସଭାରେ ବିଜେଡି ସାଂସଦ ମାନସ ରଂଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ କହିଛନ୍ତି କୋଇଲା ରୟାଲଟି ହାର ବଦଳାଇବା ପାଇଁ ବର୍ତ୍ତମାନ କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖରେ ନାହିଁ। ସୂଚନା ଯୋଗ୍ୟ ଯେ ଶେଷ ଥର ୨୦୧୨ରେ ରୟାଲଟି ସଂଶୋଧନ ହୋଇଥିଲା। ଅର୍ଥାତ୍ ଦୀର୍ଘ ୧୪ ବର୍ଷ ଧରି ସେହି ହାର ଅପରିବର୍ତ୍ତିତ ରହିଛି । ଏହି ବିଳମ୍ବ ପାଇଁ ରାଜ୍ୟ ପ୍ରତିବର୍ଷ ପ୍ରାୟ ୧୦ ହଜାର କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ ହରାଉଛି। ଗତ ଦଶ ବର୍ଷରେ ଏହି କ୍ଷତି ପ୍ରାୟ ଏକ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ରାଜ୍ୟସଭାରେ ଅଭିଯୋଗ କରିଛନ୍ତି ବିଜେଡି ସାଂସଦ।

## ରେପୋ ରେଟ୍ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ

ମୁମ୍ବାଇ, ୫ ।୮: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏଥର ମଧ୍ୟ ନୀତିଗତ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରିନାହିଁ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ବୁଧବାର ରେପୋ ରେଟ୍‌କୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାର ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଏହି ନିଷ୍ପତ୍ତି ଫଳରେ ଋଣ ଉପରେ ସୁଧ ହାର ମଧ୍ୟ ପୂର୍ବବତ୍ ରହିବ। ଆର୍‌ବିଆଇ ଖୁଚୁରା ମୁଦ୍ରାସ୍ଫୀତିର ଆକଳନକୁ ୫ ପ୍ରତିଶତ କରିଛି, ଯେତେବେଳେ ଜିଡିପି ଅଭିବୃଦ୍ଧି ହାରର ଆକଳନକୁ ବଢ଼ାଇ ୬.୭ ଶତକଡ଼ା କରିଛି ।ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ମୁଦ୍ରାନୀତି କମିଟି (ଏମପିସି)ର ତିନିଦିନିଆ ଦ୍ୱିମାସିକ ସମୀକ୍ଷା ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏମପିସି ତାହାର ନିରପେକ୍ଷ ନୀତିଗତ ଆଭିମୁଖ୍ୟ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି। ଚଳିତ ଆର୍ଥିକ ବର୍ଷ ୨୦୨୬–୨୭ର ତୃତୀୟ ମୁଦ୍ରାନୀତି ସମୀକ୍ଷା ବୈଠକରେ ମୁଦ୍ରାନୀତି କମିଟି ସର୍ବସମ୍ମତିକ୍ରମେ ନୀତିଗତ ରେପୋ ରେଟ୍କୁ ୫.୨୫ ଶତକଡ଼ାରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢୁଥିବା ପ୍ରମୁଖ ଅର୍ଥନୀତି ଭାବେ ଅବସ୍ଥାନ କରୁଛି। ସେ କହିଛନ୍ତି ଯେ, ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ପ୍ରମୁଖ ବାଣିଜ୍ୟିକ ମାର୍ଗଗୁଡ଼ିକୁ ବାଧାପ୍ରାପ୍ତ କରି ବିଶ୍ୱ ଅର୍ଥନୀତି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରୁଛି।

## ଓଡ଼ିଶା ଗସ୍ତ ସାରି ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି



ଭୁବନେଶ୍ୱର,୫ ।୮(ନିପ୍ର) ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତ ଶେଷ କରି ବୁଧବାର ନୂଆଦିଲ୍ଲୀ ଫେରିଯାଇଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ସାଦର ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି । ମାତୃଭୂମି ଓଡ଼ିଶା ପ୍ରତି ରାଷ୍ଟ୍ରପତିଙ୍କ ଶ୍ରଦ୍ଧା, ସ୍ନେହ ଏବଂ ମାର୍ଗଦର୍ଶନ ଆମ ସମସ୍ତଙ୍କ ପାଇଁ ସର୍ବଦା ଅପୂର୍ବ ପ୍ରେରଣାର ସ୍ରୋତ। ତାଙ୍କର ଏହି ଗସ୍ତ ରାଜ୍ୟର ବିକାଶ ଆଭିମୁଖ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

## 'ଦିଶା କରିକୁଲମ' ବାଧ୍ୟତାମୂଳକ

ଭୁବନେଶ୍ୱର,୫ ।୮: ବୌଦ୍ଧିକ ଦିବ୍ୟାଙ୍ଗ ଶିଶୁଙ୍କ ଶିକ୍ଷା ଓ ସାମଗ୍ରିକ ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଶେଷ ବିଦ୍ୟାଳୟରେ 'ଦିଶା କରିକୁଲମ'କୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।ନୂଆ ନିର୍ଦ୍ଦେଶ ଅନୁସାରେ, ପ୍ରତ୍ୟେକ ବିଦ୍ୟାଳୟକୁ ଦିଶା ପୋର୍ଟାଲ, ଆଇଇପି, ଆଇଟିପି ଅନୁସରଣ କରିବାକୁ ହେବ। ଛାତ୍ରଛାତ୍ରୀଙ୍କ ଶିକ୍ଷା, ଥେରାପି ଓ ଦକ୍ଷତା ବିକାଶର ନିୟମିତ ମୂଲ୍ୟାଙ୍କନ ମଧ୍ୟ ଏହି ପୋର୍ଟାଲ ମାଧ୍ୟମରେ କରାଯିବ।

## 'ଖୁବ୍ ଶୀଘ୍ର ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯିବ'

ଭୁବନେଶ୍ୱର,୫ ।୮(ନିପ୍ର): ସଂଶୋଧନ ପରେ ମଧ୍ୟ ପାଠ୍ୟ ପୁସ୍ତକରେ ତ୍ରୁଟି ରହିଥିବା ନେଇ ଖବର ସମ୍ପର୍କରେ ସ୍ପଷ୍ଟୀକରଣ ରଖିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବୁଧବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି କୁହାଯାଇଛି ଯେ ସଂଶୋଧିତ ପାଠ୍ୟ ପୁସ୍ତକରେ ତ୍ରୁଟି ଥିବା କିଛି ଗଣମାଧ୍ୟମରେ ପ୍ରଚାର କରାଯାଉଛି । ଏଠାରେ ଏହା ସ୍ପଷ୍ଟ କରାଯାଉଛି ଯେ, ଉକ୍ତ ଖବରର କୌଣସି ଯଥାର୍ଥତା ନାହିଁ । ବିଭିନ୍ନ ଶିକ୍ଷାବିତ୍ ଓ ବିଷୟ ବିଶେଷଜ୍ଞଙ୍କ ମତାମତ ଆଧାରରେ ପାଠ୍ୟପୁସ୍ତକଗୁଡ଼ିକର ସଂଶୋଧନ ଜାରି ରହିଛି ଏବଂ ଖୁବ୍ ଶୀଘ୍ର ସଂଶୋଧିତ ପୁସ୍ତକ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଯୋଗାଇ ଦିଆଯିବ ।

## ॥ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ॥

# ଭୁବନେଶ୍ୱରରେ ପହଞ୍ଚିଲେ ଅନ୍ତର୍ଜାତୀୟ ପ୍ରତିନିଧି




ଭୁବନେଶ୍ୱର, ୫ ।୮(ପିଆଇବି): ଚଳିତ ବର୍ଷ ଭାରତ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି । ଏହି କ୍ରମରେ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକ ଏବଂ ତୃତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହେଉଛି । ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେଉଥିବା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି ଦୁଇଟି ବୈଠକରେ ଯୋଗ ଦେବା ଲାଗି ଭୁବନେଶ୍ୱରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଆସି ପହଞ୍ଚିଛନ୍ତି। ସେମାନଙ୍କୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି । ଶିକ୍ଷା ମନ୍ତ୍ରୀମାନଙ୍କର ମୁଖ୍ୟ ବୈଠକ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ବ୍ରାଜିଲ, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ । ଏଥିରେ ଲୋକ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନେଇ ବିଚାରବିମର୍ଶ କରାଯିବ । ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍‌କୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ । "ଦୃଢ଼ତା, ନବନିର୍ମାଣ, ସହଯୋଗ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ" ବିଷୟବସ୍ତୁକୁ ନେଇ ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନଙ୍କର ବୈଠକରେ ଏ ବିଷୟବସ୍ତୁ ଉପରେ ଅନେକ ଗଠନମୂଳକ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଏହି ଆଲୋଚନାରୁ ବ୍ରିକ୍ସ ଏଜୁକେସନ୍ ଟ୍ରାକ୍ ୨୦୨୬ ଲାଗି ଫଳପ୍ରଦ ପରିଣାମ ମିଳିବ ବୋଲି ଆଶା କରାଯାଉଛି। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ବିଷୟବସ୍ତୁ ପୂର୍ବରୁ ରିଓ ଡି ଜେନେରିଓରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରାପ୍ରତିପାଦିତ ଲୋକ-କୈନ୍ଦ୍ରିକ ଏବଂ ମାନବତା-ପ୍ରଥମ ଆଭିମୁଖ୍ୟକୁ ପ୍ରତିଫଳିତ କରେ।ଏହି ଉଚ୍ଚସ୍ତରୀୟ ଆନ୍ତଃ-ସରକାରୀ ଆଲୋଚନା ସହିତ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଯୁବପିଢ଼ିଙ୍କ ଅଂଶଗ୍ରହଣ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କର ଆଦାନପ୍ରଦାନ ଉପରେ ଦୃଢ଼ଗୁରୁତ୍ୱ ଦେଉଛି। ଶିକ୍ଷା ମନ୍ତ୍ରୀମାନଙ୍କର ବୈଠକକୁ ଏକ ଛାତ୍ର-କୈନ୍ଦ୍ରିକ ପଦକ୍ଷେପଭାବରେ ପରିକଳ୍ପନା କରାଯାଇଛି।




CMYK

# ଶ୍ରୀକୃଷ୍ଣଙ୍କ ଉପାସିକା



ମହତ ଉଦ୍ଦେଶ୍ୟ ନେଇ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ଯଜ୍ଞ ଆୟୋଜନ କରୁଥିଲେ । ତେବେ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ହବନ ସାମଗ୍ରୀ ଦେବତାଙ୍କ ନିକଟରେ ପହଞ୍ଚିପାରୁନଥିଲା । ସମସ୍ତେ ଏ ସମ୍ପର୍କରେ ଅଭିଯୋଗ ନେଇ ସୃଷ୍ଟିକର୍ତ୍ତାଙ୍କ ନିକଟକୁ ଗଲେ । ବ୍ରହ୍ମା ସମସ୍ତଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପାଖକୁ ଗଲେ । ସମସ୍ୟା ଶୁଣିବା ପରେ ଭଗବାନ କୃଷ୍ଣ କହିଲେ- ତୁମେମାନେ ପ୍ରକୃତିକୁ ପୂଜା କର । ପୂଜା ହେବାରୁ ପ୍ରକୃତି ମାତାଙ୍କ କଳା ପ୍ରକଟ ହେଲେ ଏବଂ ସେ ସମସ୍ତଙ୍କୁ ବର ମାଗିବାକୁ କହିଲେ । ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ତାଙ୍କୁ ବର ମାଗିଲେ- ଆପଣ ଯଜ୍ଞରେ ହବନ ହେଉଥିବା ସାମଗ୍ରୀ ଗ୍ରହଣ କରନ୍ତୁ । ଦେବୀ ଏଥିପାଇଁ ରାଜି ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କ ଉପାସିକା ଥିଲେ । ପ୍ରକୃତିଙ୍କର ସେହି କଳା ରୂପୀ ଦେବୀଙ୍କୁ ଶ୍ରୀକୃଷ୍ଣ କହିଲେ- ଆଜିଠାରୁ ଆପଣ 'ସ୍ୱାହା' ନାମରେ ପ୍ରସିଦ୍ଧ ହେବେ । ଆପଣଙ୍କ ମାଧ୍ୟମରେ ଦେବତାମାନେ ଯଜ୍ଞରେ ଅର୍ପଣ କରାଯାଉଥିବା ସାମଗ୍ରୀ ଗ୍ରହଣ କରିବାରେ ସମର୍ଥ ହେବେ । ଏହାରି ମାଧ୍ୟମରେ ତୃପ୍ତ ହୋଇ ଦେବଗଣ ବରଦାନ କରିବେ ।



# ସେବକ ନୁହେଁ, ସଖା



ପଞ୍ଜାବର ନାମୀ ସମାଜ ସଂସ୍କାରକ ଭାବରେ ଖ୍ୟାତି ଥିଲା ରାୟ ବାହାଦୁର ଲାଲଚନ୍ଦଙ୍କର । ପରୋପକାର ଥିଲା ଜୀବନର ବ୍ରତ । ଦୁଃଖୀରଙ୍କୀ, ଅଭାବଗ୍ରସ୍ତ, ନିପୀଡ଼ିତ ଲୋକ, ଯିଏ ବି ତାଙ୍କର ସାହାଯ୍ୟ ପ୍ରାର୍ଥୀ ହେଉଥିଲେ ମୁକ୍ତହସ୍ତରେ ଦାନ କରୁଥିଲେ । ଏପରି କି ଅନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଧ୍ୟ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ ଦେଉଥିଲେ । ପଞ୍ଜାବର ଏକ କନ୍ୟା ଗୁରୁକୁଳକୁ ବିପୁଳ ଅର୍ଥରାଶି ଦାନ କରିଥିଲେ । ଗୁରୁକୁଳାଶ୍ରମ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ନିବେଦନ କରାଯାଇଥିଲା । ଏହା ପଢ଼ି ଲାଲଚନ୍ଦ ସହାୟତା ଦେଇଥିଲେ । ମୋଟା ଅଙ୍କର ଅର୍ଥ ଦେଇ ଥିବାରୁ କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ ତାଙ୍କର ଗୃହକୁ ଯିବାପାଇଁ ପ୍ରଧାନ ଆଚାର୍ଯ୍ୟ ଉଚିତ ମଣିଥିଲେ । ଲାଲଚନ୍ଦଙ୍କ ବାସଭବନରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଦ୍ୱାର ଖଟ୍‌ଖଟ୍ କରିଥିଲେ ମଧ୍ୟ କେହି ଦ୍ୱାର ଖୋଲି ନଥିଲେ । ଶେଷରେ ଆଉଜା ହୋଇଥିବା କବାଟ ଖୋଲି ଗୃହ ଭିତରକୁ ପ୍ରବେଶ କରିଥିଲେ । ଘର ଭିତରକୁ ପ୍ରବେଶ କଲା ପରେ ଯାହା ଦେଖିଲେ ସେଥିରେ ଚକିତ ହୋଇଯାଇଥିଲେ । ଦେଖିବାକୁ ପାଇଥିଲେ ବୟସର ଅପରାହ୍ନରେ ପହଞ୍ଚିଥିବା, ପକ୍ୱକେଶ ବିଶିଷ୍ଟ ଜଣେ ବୃଦ୍ଧ ଅନ୍ୟ ଜଣେ ବୃଦ୍ଧଙ୍କର ପାଦ ଚିପୁଛନ୍ତି । ପାଦ ଚିପୁଥିବା ବ୍ୟକ୍ତିଙ୍କୁ ଲାଲଚନ୍ଦଙ୍କର କେଉଁଠି ଦେଖା ମିଳିବ ବୋଲି ପଚାରିଥିଲେ ପ୍ରଧାନ ଆଚାର୍ଯ୍ୟ । ଉତ୍ତର ମିଳିଥିଲା ମୁଁ ନିଜେ ଲାଲଚନ୍ଦ । ଏହା ଶୁଣି ପ୍ରଧାନ ଆଚାର୍ଯ୍ୟ ନିଜ ଆଖିକୁ ବିଶ୍ୱାସ କରିପାରି ନଥିଲେ । ଜୀବନର ଅପରାହ୍ନରେ ପହଞ୍ଚିଥିବା, ସେବା ଚାହୁଁଥିବା ବ୍ୟକ୍ତିଜଣଙ୍କ ଅନ୍ୟ ଜଣେ ବୃଦ୍ଧଙ୍କର ସେବା କରିବା ଦେଖି ପ୍ରଧାନ ଆଚାର୍ଯ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଲାଲଚନ୍ଦଙ୍କୁ ପଚାରିଥିଲେ ଆପଣ ଯେଉଁ ବୃଦ୍ଧ ବ୍ୟକ୍ତିଙ୍କ ପାଦ ମଞ୍ଚାଳୁଛନ୍ତି ସେ ଜଣକ କିଏ ? ଲାଲଚନ୍ଦ ଦୀର୍ଘଶ୍ୱାସ ଛାଡ଼ି ଉତ୍ତର ଦେଇଥିଲେ- 'ସେ ମୋର ସଖା ବୋଲି ଭାବି ନିଅନ୍ତୁ । ପ୍ରକୃତରେ ସେ ମୋର ସେବକ । ବିଗତ ଚାଳିଶ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ମୋର ସେବା କରି ଆସିଛି । ମୋର ଭଲ ମନ୍ଦ, ହାନିଲାଭ ଦୀର୍ଘବର୍ଷ ଧରି ବୁଝି ଆସୁଥିବା ସେବକଟି ଆଜି ଅସୁସ୍ଥ ହୋଇ ପଡ଼ିଛି । ସେ ମୋର ସେବାକାରୀ ନୁହେଁ; ସହୃଦୟ ସଖା । ଏବେ ମୁଁ ତା'ର ସେବା କରିବା ପାଳି ପଡ଼ିଛି । ଏହାକୁ ମୁଁ କିପରି ବା ଏଡ଼ାଇ ଯିବି ?' ଏହା ଶୁଣିବା ପରେ ଖାଲି ବଦାନ୍ୟତା ନୁହେଁ; ଲାଲଚନ୍ଦଙ୍କ ମହତପଣିଆ ଦେଖି ତାଙ୍କ ନିକଟରେ ଶ୍ରଦ୍ଧାରେ ମଥାନତ ହୋଇଯାଇଥିଲା ପ୍ରଧାନ ଆଚାର୍ଯ୍ୟଙ୍କର ।

# ଗଙ୍ଗାମାତା ମଠ

**ଗୁଣ୍ଡିଚା ଘରକୁ ଠାକୁରମାନଙ୍କ ଆଡ଼ପ ବିଜେ ସମୟରେ ଓ ବାହୁଡ଼ା ଯାତ୍ରା ଦିନ ଉକ୍ତ ମଠ ତରଫରୁ ପନ୍ତି ଭୋଗ ହୋଇଥାଏ । ଅନ୍ୟ ମଠ ଭଳି ଏ ମଠକୁ ମଧ୍ୟ ଗୁଣ୍ଡିଚା ଘରେ ପନ୍ତି ଚାଳି କରିବା ପାଇଁ ମନ୍ଦିର ପ୍ରଶାସନ ତରଫରୁ ଅନୁମତି ଦିଆ ଯାଇଥାଏ ।**

ଉପରବର୍ଣ୍ଣିତ ମଠମାନଙ୍କ ବ୍ୟତୀତ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଥିବା ଅନ୍ୟାନ୍ୟ ମଠମଧ୍ୟରେ ସାନଛତା ମଠ, ସଂକ୍ରାନ୍ତି ମଠ, ତ୍ରିମାଳ ମଠ, ରେବସା ମଠ, ଉତ୍ତରପାର୍ଶ୍ୱ ମଠ, କେନ୍ଦୁଝର ମଠ, ସୁନାର ଗୌରାଙ୍ଗ ମଠ, ଘୁମୁସର ମଠ, ଲବଣିଖିଆ ମଠ, ରାଧାବଲ୍ଲଭ ମଠ, ମଙ୍ଗୁ ମଠ, ଆଉଲା ମଠ, ଗୋପାଳ ତୀର୍ଥ ମଠ ତରଫରୁ ପରମ୍ପରା ତଥା ସ୍ୱତ୍ୱଲିପି ଉଲ୍ଲେଖ ପ୍ରକାରେ ଶ୍ରୀଗୁଣ୍ଡିଚା ଯାତ୍ରା ଆଡ଼ପ ବିଜେ, ହେରା ପଞ୍ଚମୀ, ବାହୁଡ଼ା ଯାତ୍ରା, ନୀଳାଦ୍ରି ବିଜେ ତିଥିମାନଙ୍କରେ ପନ୍ତି ଭୋଗ ହୋଇଥାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପୂର୍ବେ ଶିବତୀର୍ଥ ମଠ ତରଫରୁ ଗୁଣ୍ଡିଚା ଯାତ୍ରା ଓ ଲକ୍ଷ୍ମୀ ନାରାୟଣ ଭେଟ ସମୟରେ (ଚାହାଣୀ ମଣ୍ଡପଠାରେ) ପନ୍ତି ଭୋଗ ହେଉଥିଲା । ଅନେକ ଦିନରୁ ଉକ୍ତ ମଠଟି ଲୋପ ପାଇଯିବାରୁ ଏହି ପନ୍ତି ଭୋଗ ମଧ୍ୟ ବନ୍ଦ ହୋଇଯାଇଛି । ଏତଦ୍ ବ୍ୟତୀତ ରଥଯାତ୍ରା ସମୟରେ ଅନୁଷ୍ଠିତ ପନ୍ତି ତାଲିକାରେ ଜିୟର ସ୍ୱାମୀ ମଠ ଅନ୍ତର୍ଭୁକ୍ତ ନ ହୋଇଥିଲେ ମଧ୍ୟ ଗୁଣ୍ଡିଚା ମନ୍ଦିରରୁ ରଥତ୍ରୟ ପ୍ରତ୍ୟାବର୍ତ୍ତନ କରି ସିଂହଦ୍ୱାରଠାରେ ପହଞ୍ଚିବା ପରେ ଏକାଦଶୀ ଦିନ ମଠ ତରଫରୁ ବହୁ ଅର୍ଥ ଖର୍ଚ୍ଚ କରାଯାଇ ବିଭିନ୍ନ ପ୍ରକାରର ସୁମିଷ୍ଟ ସ୍ୱାଦିଷ୍ଟ ପିଷ୍ଟକ ରଥ ଉପରେ ବିରାଜିତ ଠାକୁରମାନଙ୍କୁ ପୂଜାପଣ୍ଡା ସେବକମାନଙ୍କଦ୍ୱାରା ନୈବେଦ୍ୟ କରାଯାଇଥାଏ । ରଥଯାତ୍ରା ଉତ୍ସବ ଅବସରରେ ବିଭିନ୍ନ ମଠ ତରଫରୁ ବିଭିନ୍ନ ଦ୍ରବ୍ୟ ଯୋଗାଣ, ପନ୍ତି ଭୋଗ, ମଠାଧୀଶମାନଙ୍କ ଉପଚାର ଚାମର ଓ ଆଲଟ ସେବା କରିବା ବିଷୟ ଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ୧୧୯ ନମ୍ବର ତାଲିକାରେ ଥିବା ବ୍ୟକ୍ତିଗତ ଓ ଅନୁଷ୍ଠାନିକ ସେବା ତଥା ଉପସ୍ୱତରେ ଉଲ୍ଲେଖ ରହିଛି ।





# ଆସ୍ଥାର ସେହି ସ୍ପର୍ଶ..



କୁହାଯାଏ ଯେ ବିଶ୍ୱାସ ଦେଖାଯାଇ ନଥାଏ,କେବଳ ଅନୁଭବ ହୋଇଥାଏ । ଆସ୍ଥାର ମଧ୍ୟ ଏହି ସ୍ୱଭାବ ଅଟେ । ସେ ତର୍କର ଦ୍ୱାର ଉପରେ ଠିଆ ହୋଇକରି ସ୍ୱୟଂକୁ ସିଦ୍ଧ କରେ ନାହିଁ,ଆଉ ହୃଦୟରେ ଉତ୍ତରିକରି ନିଜର ଅସ୍ତିତ୍ୱ ଜାଗ୍ରତ କରିଦେଇ ଥାଏ । ସେଥିପାଇଁ କାହାର ଆସ୍ଥା ଉପରେ ପ୍ରଶ୍ନ ଉଠେଇବା ପୂର୍ବରୁ ଏହା ସ୍ମରଣ ରଖିବା ଦରକାର କି ପ୍ରତ୍ୟେକ ବିଶ୍ୱାସର ପଛରେ ଅନୁଭବର ଗୋଟିଏ ପୁରା ଜୀବନ ଲୁଚି ରହିଛି ।

ଭାରତର ସବୁଠୁ ସୁନ୍ଦର ପରିଚୟ ଏହାର ବିବିଧତା ଅଟେ । ଏଠାରେ ପୂଜର ବିଧି ସବୁ ଅଲଗା ଅଟେ,ପ୍ରାର୍ଥନାର ଭାଷା ମଧ୍ୟ ଅଲଗା ଅଟେ,ଈଶ୍ୱରଙ୍କର ଡାକର ନାମ ମଧ୍ୟ ଅଲଗା ଅଟେ । ତଥାପି ସମସ୍ତଙ୍କର ଉଦ୍ଦେଶ୍ୟ ଗୋଟିଏ ଅଟେ,ମନକୁ ଶାନ୍ତି ମିଳୁ, ଜୀବନକୁ ସମ୍ବଳ ମିଳୁ ଆଉ ମାନବତା ବଜାୟ ରହୁ । ସେଥିପାଇଁ କାହାର ଆସ୍ଥା କିମ୍ବା ଧର୍ମ ଉପରେ କଟାକ୍ଷ କରିବା ନା' କେବଳ ଅନୁଚିତ ଅଟେ,ଆଉ ଆମର ସାଂସ୍କୃତିକ ଚେତନାର ମଧ୍ୟ ବିପରୀତ ଅଟେ । ମୋତେ ନିଜର ପିଲାଦିନର କଥା ଆଜିବି ବହୁତ ସ୍ପଷ୍ଟ ମନେ ଅଛି । ଯେତେବେଳେ ମୁଁ ଅସୁସ୍ଥ ହେଇ ପଡୁଥିଲି,କେବେ ଜ୍ୱରରେ ତ କେବେ ଥଣ୍ଡା-କାଶରେ । ସବୁ ଔଷଧର ପୂର୍ବରୁ ଗୋଟିଏ ଦୃଶ୍ୟ ଅବଶ୍ୟ ଦୋହରା ଯାଇଥାଏ । ମୋର ବାପା ମୋ ପାଖରେ ବସିଥାନ୍ତି,ତାଙ୍କ ଚେହେରାରେ ନା' ଭୟ ଥାଏ ନା' ଥକାପଣ । ସେ ଧୀରେ ନିଜର ଆଖି ବନ୍ଦ କରିଦିଅନ୍ତି,ମୋ ମଥା ଉପରେ ହାତ ରଖିକରି ଅତ୍ୟନ୍ତ ଶାନ୍ତ ସ୍ୱରରେ ଗାୟତ୍ରୀ ମନ୍ତ୍ର ଜପ କରିଥାନ୍ତି,'ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ । ଭର୍ଗୋ ଦେବସ୍ୟ ଧୀମହୀ,ଧୀୟୋ ୟୋ ନଃ ପ୍ରଚଦୟାତ୍' ॥ ସେହି କ୍ଷଣରେ ମୁଁ ଏହି ମନ୍ତ୍ରର ଅର୍ଥ ଜାଣି ନଥାଏ କିନ୍ତୁ ଏହାର ପ୍ରଭାବରେ ପୂରା ମନରେ ଅନୁଭବ କରୁଥିଲି । ଏମିତି ଲାଗୁଥିଲା କି ଯେମିତି ବାପାଙ୍କ ହାତର ସ୍ପର୍ଶର ସହିତ ମୋର ଦେହର ସବୁ ଉତ୍ତାପ,ସବୁ ପୀଡା ଆଉ ବ୍ୟାକୁଳତା ଧୀରେ-ଧୀରେ ମୋ ଠାରୁ ଦୂରେଇ ଚାଲି ଯାଉଥିଲେ । ଲାଗୁଥିଲା କି ଯେମିତି କିଏ ଆଶ୍ୱସ୍ତ କରିଦେଇଛି,'ସବୁ ଠିକ୍ ହେଇଯିବ' । ଆଜି ମୁଁ ଭାବୁଛି ଆଉ ତାହା ସ୍ପଷ୍ଟ ରୂପରେ ବୁଝା ପଡୁଛି କି ତାହା କେବଳ ମନ୍ତ୍ର ନଥିଲା,ସେହି ମନ୍ତ୍ର ଉପରେ ପିତାର ବିଶ୍ୱାସ ଥିଲା, ତାଙ୍କର ଶ୍ରମ ଥିଲା,ତାଙ୍କର ଆଶୀର୍ବାଦ ଥିଲା,ଯାହା ମୋର ମନରେ ସାହସ ଭରି ଦେଇଥିଲା । ବିଜ୍ଞାନ ନିଜ ସ୍ଥାନ ଉପରେ ଅଛି,ଚିକିତ୍ସା ନିଜର ସ୍ଥାନରେ ଆଉ ଆସ୍ଥା ମନିଜର ସ୍ଥାନରେ ଥାଏ । ପରସ୍ପରର ବିରୋଧ ନକରି ମଧ୍ୟ ଏମାନେ ସାଙ୍ଗରେ ଚାଲି ପାରିବେ । ସେଥିପାଇଁ ଯେତେବେଳେ କିଏ କାହାର ଶ୍ରଦ୍ଧାର ଉପହାସ କରିଥାଏ,ଆଉ ଲାଗିଥାଏ କି ଯେମିତି ତାହା କେବଳ ବିଚାର ନୁହେଁ,ଆଉ ତାହା କାହାର ସବୁଠୁ କୋମଳ ସ୍ମୃତିକୁ ମଧ୍ୟ ଅନାଦାର କରୁଛି । ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି କିଛି କ୍ଷଣ ହୋଇଥାଏ ଯାହା ତର୍କରୁ ନୁହେଁ,ବିଶ୍ୱାସରେ ଜଡିତ ଥାଏ । ଏହା ଉପରେ ନିର୍ଣ୍ଣୟ ଶୁଣେଇବାର ଅଧିକାର କାହା ପାଖରେ ନଥାଏ । ମୋର ଆସ୍ଥା ମୋର ଅଟେ,ଆପଣଙ୍କର ଆସ୍ଥା ଆପଣଙ୍କର ଅଟେ । ଆମକୁ ପରସ୍ପରକୁ ବଦଳେଇବାର ନୁହେଁ,ପରସ୍ପରକୁ ସମ୍ମାନ କରିବାର ଆବଶ୍ୟକ ଅଛି । କାହିଁକି ଧର୍ମନିରପେକ୍ଷତାର ଅର୍ଥ ନିଜର ଧର୍ମକୁ ଛାଡିବା ନୁହେଁ,ଆଉ ଅନ୍ୟର ଧର୍ମ ଆଉ ବିଶ୍ୱାସକୁ ମଧ୍ୟ ସେହି ସମ୍ମାନରେ ସ୍ୱୀକାର କରିବା ଅଛି । ଯାହାର ଅପେକ୍ଷା ଆମେ ନିଜ ପାଇଁ କରିଥାଉ । କାହାର ଶ୍ରଦ୍ଧାକୁ ଆଘାତ ପହଞ୍ଚେଇ କେହି ବଡ ଲୋକ ହେଇ ପାରିବେନି । ବଡ ସେହିଁ ହୋଇଥାଏ,ଯିଏ ମତଭେଦରେ ମଧ୍ୟ ସମ୍ମାନ ରକ୍ଷା କରିଥାଏ । ଶେଷରେ ଆସ୍ଥାର ବାସ୍ତବିକ ଅର୍ଥ ହେଲା କି ମନରେ ବିଶ୍ୱାସ ହେଉ,ବ୍ୟବହାରରେ ବିନମ୍ରତା ଆଉ ସମସ୍ତଙ୍କ ପାଇଁ ଆଦର ହେଉ । "ଆସ୍ଥାର ସମ୍ମାନ କରିବା କୌଣସି ଧର୍ମର ନୁହେଁ,ତାହା ମାନବତାର ସବୁଠୁ ସୁନ୍ଦର ସଂସ୍କାର ଅଟେ " ॥

*ମନୋଜ କୁମାର ବେହେରା*
*ମୋ- ୭୯୭୮୮୩୦୬୧୧*



# ଚେତନାର ଅଭ୍ୟୁଦୟ

ପ୍ରତ୍ୟେକଙ୍କ ଅନ୍ତରରେ ବିରାଜମାନ ଆତ୍ମା ଅବିନାଶୀ- ସତ୍, ଚିତ୍, ଆନନ୍ଦର ପ୍ରତୀକ । ସ୍ୱାମୀ ଚିଦାନନ୍ଦଙ୍କ ଭାଷାରେ ଏହି ଭାବ ହିଁ ଆତ୍ମଚେତନା ଜାଗ୍ରତ କରାଏ । ପ୍ରେରଣାଦାୟୀ ଓ ସାତ୍ତ୍ୱିକ ବିଚାରବୋଧ ସୁପ୍ତ ଆତ୍ମତତ୍ତ୍ୱର ସ୍ୱାଭାବିକ ଅଂଶ ଅଟେ, ଯାହା ନିତ୍ୟ ସ୍ୱଭାବକୁ ପ୍ରକଟ କରେ । ସୁପ୍ତ ଆତ୍ମତତ୍ତ୍ୱରେ ଯଦି ଏହି ସୁବିଚାରର ଧାରାପ୍ରବାହ ଅବିରତ ହୁଏ, ତେବେ ଅଶୁଦ୍ଧ ବିଚାରବୋଧର ସ୍ଥୂଳ ଆବରଣ ଧୀରେଧୀରେ ଅପସରି ଯାଏ । ସାତ୍ତ୍ୱିକ ତଥା ଆଧ୍ୟାତ୍ମିକ ବିଚାରବୋଧ ଚେତନାର କେନ୍ଦ୍ରସ୍ଥଳରେ ପ୍ରବେଶ କରେ । ଏହି ଦିବ୍ୟ ଚେତନା ପ୍ରବେଶ କଲେ ନିଜଠାରେ ଏକ ବିଶେଷ ପରିବର୍ତ୍ତନ ଅନୁଭୂତ ହୁଏ । ଦିବ୍ୟ ଚେତନାର ଅଭ୍ୟୁଦୟ ସମ୍ପର୍କିତ ନିମ୍ନୋକ୍ତ ପ୍ରସଙ୍ଗ । ପାହାଡ଼ର ସମତଳ ଅଞ୍ଚଳରେ କିଛି ମେଣ୍ଢା ଚରୁଥିଲେ, ଏହି ସମୟରେ ଏକ ସିଂହୀ ଖାଦ୍ୟ ଅନ୍ୱେଷଣରେ ବୁଲୁବୁଲୁ ମେଣ୍ଢାପଲ ନିକଟରେ ପହଞ୍ଚି ଯାଇଥିଲା । ଗୋଟିଏ ମେଣ୍ଢା ଉପରକୁ ଲମ୍ଫ ପ୍ରଦାନ କଲା, ହେଲେ ଲକ୍ଷ୍ୟଭ୍ରଷ୍ଟ ହୋଇ ବିରାଟ ପଥରଖଣ୍ଡ ଦେହରେ ପିଟି ହୋଇଯାଇଥିଲା । ଆସନ୍ନ ପ୍ରସବା ସିଂହୀ ଆଘାତଜନିତ ଯନ୍ତ୍ରଣାରେ କିଛିକ୍ଷଣ ଛଟପଟ ହେବା ଭିତରେ ଏକ ଶାବକ ପ୍ରସବ କରି ସେହିଠାରେ ପ୍ରାଣତ୍ୟାଗ କରିଥିଲା । ମେଣ୍ଢା ଜଗୁଆଳ ସିଂହଛୁଆକୁ ଆଣି ମେଣ୍ଢାମାନଙ୍କ ସହ ପାଳିବାକୁ ଲାଗିଲା । ଧୀରେଧୀରେ ସିଂହଛୁଆଟି ବଡ଼ ହେଲା । ମେଣ୍ଢାପଲ ଭିତରେ ରହି ସେମାନଙ୍କ ସାଙ୍ଗରେ ବୁଲାବୁଲି କରେ, ସାମାନ୍ୟ କିଛି ଶବ୍ଦ ହେଲେ ଅନ୍ୟ ମେଣ୍ଢାମାନଙ୍କ ସଦୃଶ ଡରିଯାଏ । ସିଂହର ଚୈତନ୍ୟ ଶକ୍ତି ଲୋପ ପାଇଯାଇ ମେଣ୍ଢାମାନଙ୍କ ଚୈତନ୍ୟଶକ୍ତି ସହିତ ସମାନ ଥିଲା ଯେଉଁମାନଙ୍କ ଗହଣରେ ଜନ୍ମରୁ ବଢ଼ି ଆସିଥିଲା । ଦିନେ ଆଉ ଏକ ସିଂହକୁ ଦେଖି ମେଣ୍ଢାପଲ ଆସନ୍ନ ବିପଦ ଆଶଙ୍କାରେ ରଡ଼ି କରି ଦୌଡ଼ିବାକୁ ଲାଗିଲେ । ସେମାନଙ୍କ ପଛେପଛେ ସିଂହଛୁଆଟି ମଧ୍ୟ ଦୌଡୁଥାଏ ପ୍ରାଣବିକଳରେ । ଆକ୍ରମଣକାରୀ ସିଂହ ଆଶ୍ଚର୍ଯ୍ୟ ହୋଇଯାଇଥିଲା ଏହା ଦେଖି । ମନେମନେ ଭାବିଲା ମୋତେ ଦେଖି କ'ଣ ପାଇଁ ଭୟରେ ଦୌଡୁଛି ? ଇଏ ତ ମୋର ସମଧର୍ମୀ । ଦୌଡୁଥିବା ସିଂହଛୁଆ ନିକଟକୁ ଯାଇ ତା'ର ପଥରୋଧ କରି ପଚାରିଥିଲା ତୋର ଏଭଳି ଭୟାତୁର ଅବସ୍ଥା କେଉଁଥିପାଇଁ ? ତୁ ତ ମୋରି ଜାତୀୟ । ସିଂହଛୁଆଟି କିନ୍ତୁ ସଂସର୍ଗବଶତଃ କହିଥିଲା- ମୁଁ ତ ମେଣ୍ଢା । ଚେତନାଶକ୍ତିର ଅଭ୍ୟୁଦୟ ହୋଇନଥିବା କାରଣରୁ ସେ ନିଜକୁ ମେଣ୍ଢା ମଣୁଥିଲା ଯଦିଓ ପ୍ରକୃତରେ ଥିଲା ସିଂହ । ଆକ୍ରମଣକାରୀ ସିଂହଟି ତାକୁ ସ୍ଥିର ପାଣି ନିକଟକୁ ନେଇ କହିଥିଲା- ଏବେ ଦେଖ ତୋର ଅସଲ ଚେହେରା । ସିଂହଛୁଆଟି ପାଣିକୁ ଅନାଇ ଦେଖିଲା ସେ ଏକ ବଳବାନ ସିଂହ । ତା'ର ଚେହେରା ସହ ପାଖରେ ଠିଆ ହୋଇଥିବା ସିଂହର ସାଦୃଶ୍ୟ ରହିଛି । ଗର୍ଜନ କରି କହିଲା- ଏବେ ଏହି ଭଳି ଗର୍ଜନ କର ତ ! ମେଣ୍ଢା ପଲରେ ଥିବା ସିଂହଛୁଆ କଥାମାନି ଗର୍ଜନ କରିଥିଲା । ଏବେ ଅନୁଭବ କଲା ଯେ ସେ ମେଣ୍ଢା ନୁହେଁ ସିଂହ । ଚେତନା ଶକ୍ତି ଫେରିପାଇବାର ଦର୍ପରେ ଜଙ୍ଗଲ ଦିଗରେ ଆଗେଇଥିଲା ନୂଆ ପରିଚୟକୁ ନେଇ ।



# ଶକ୍ତିଠାରୁ ଶ୍ରେଷ୍ଠ

ବାମନ ପୁରାଣର ଏହି ପ୍ରସଙ୍ଗ । ଏକଦା ମହାତେଜସ୍ୱୀ ପ୍ରହ୍ଲାଦ, ଋଷି ଚ୍ୟବନଙ୍କୁ କହିଥିଲେ- ମୁନିବର ! ଆପଣ ପୃଥ୍ୱୀଲୋକର ଶ୍ରେଷ୍ଠ ଋଷିମାନଙ୍କ ମଧ୍ୟରୁ ଅନ୍ୟତମ । ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କ ଦର୍ଶନ ଲାଭରେ ସମର୍ଥ ହେଲି । ପୃଥ୍ୱୀ ଲୋକର କୌଣସି ଶ୍ରେଷ୍ଠ ତୀର୍ଥ ପରିଦର୍ଶନର ଆକାଙ୍‌କ୍ଷା ମନ ଭିତରେ ରହିଛି । ମୋତେ ସେ ବିଷୟରେ ଆପଣ ମାର୍ଗଦର୍ଶନ ଦିଅନ୍ତୁ । ଋଷି ଚ୍ୟବନ ପ୍ରହ୍ଲାଦଙ୍କୁ ନୈମିଷାରଣ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଦୈତ୍ୟରାଜ ପ୍ରହ୍ଲାଦ ଦାନବମାନଙ୍କ ସହିତ ସେଠାକୁ ଯାତ୍ରା କରିଥିଲେ । ତୀର୍ଥ ସ୍ନାନ ପରେ ପ୍ରହ୍ଲାଦ ବନପ୍ରଦେଶରେ ଘୂରିବୁଲି ଏହାର ଶୋଭା ସନ୍ଦର୍ଶନ କରୁଥିଲାବେଳେ ଅକସ୍ମାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିଲେ- କୃଷ୍ଣ ମୃଗଚର୍ମ ଧାରଣ କରିଥିବା, ଜଟାଜୁଟଧାରୀ ଦୁଇ ମୁନି ତପସ୍ୟାରେ ବସିଛନ୍ତି । ତେବେ ଯେଉଁ ବିଶାଳକାୟ ଶାଳବୃକ୍ଷ ତଳେ ସେମାନେ ତପସ୍ୟାରତ ସେହି ବୃକ୍ଷ ଅନେକ ଦିବ୍ୟାସ୍ତ୍ର (ବାଣ) ଦ୍ୱାରା ପୂର୍ଣ୍ଣ ଭାବରେ ଆଚ୍ଛାଦିତ ଥିଲା । ମୁନି ଦ୍ୱୟଙ୍କର ପୃଷ୍ଠଦେଶରେ ମଧ୍ୟ ଦୁଇ ଦିବ୍ୟଧନୁ, ଅକ୍ଷୟ ତୂଣୀର ଥୁଆ ହୋଇଥିଲା । ପ୍ରହ୍ଲାଦ ଚକିତ ହୋଇ ପଚାରିଥିଲେ- ଦୁହିଁଙ୍କୁ ଦେଖିଲେ ମନେ ହେଉଛି ଦାମ୍ଭିକତାର ସହ ଧର୍ମ ବିନାଶକ କାର୍ଯ୍ୟ କରୁଛନ୍ତି । ଏକ ପକ୍ଷରେ ଜଟାଜୁଟଧାରୀ, ଭାର । ଅପର ପକ୍ଷରେ ଶ୍ରେଷ୍ଠ ଅସ୍ତ୍ର ସମୂହ ରଖିଛନ୍ତି । ଏହା ତ ବଡ଼ ବିଚିତ୍ର କଥା ! ତପସ୍ୱୀ କହିଥିଲେ- ଦୈତ୍ୟରାଜ ! ସାମର୍ଥ୍ୟବାନ ବ୍ୟକ୍ତି ଯାହା କିଛି ବି କାର୍ଯ୍ୟ କରିଥାନ୍ତି ତାହା ତାଙ୍କୁ ଶୋଭା ପାଇଥାଏ । ଏହାକୁ ଦାମ୍ଭିକତାପୂର୍ଣ୍ଣ ଉକ୍ତି ବୋଲି ଭାବି ପ୍ରହ୍ଲାଦ ପ୍ରତିଜ୍ଞା କଲେ ନିଜକୁ ସାମର୍ଥ୍ୟବାନ୍ କହୁଥିବା ଦୁହିଁଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଦର୍ପଚୂର୍ଣ୍ଣ କରିବେ । ବିଡ଼ମ୍ବନା ଏହା ଥିଲା ଯେ 'ଲୋକପତି- ନାରାୟଣ' (ମୁନିଦ୍ୱୟ)ଙ୍କ ଦ୍ୱାରା ପ୍ରହ୍ଲାଦ ପରାଜିତ ହୋଇ ପଛଘୁଞ୍ଚା ଦେଇଥିଲେ । ନିରାଶ ହୋଇ ବିଷ୍ଣୁଙ୍କ ଶରଣ ନେଇଥିଲେ । ବିଷ୍ଣୁ ଭଗବାନ କହିଥିଲେ- ପ୍ରହ୍ଲାଦ ! ନାରାୟଣଙ୍କୁ ତୁମେ ପରାସ୍ତ କରିପାରିବନି, ସେ ଅଜେୟ । ସକଳ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା ବି ଅଜେୟ ।' ପ୍ରହ୍ଲାଦ ନମ୍ରଭାବରେ କହିଥିଲେ- ହେଲେ ଭଗବାନ ! ମୁଁ ପ୍ରକୃତ କଥା ଜାଣି ନପାରି ଆବେଗରେ ଯେଉଁ ପ୍ରତିଜ୍ଞା କରିଥିଲି (ମୁନିଦ୍ୱୟଙ୍କୁ ପରାସ୍ତ କରି ଦର୍ପଚୂର୍ଣ୍ଣ କରିବା) ତାହା କ'ଣ ହେବ ? 'ଦାନବଶ୍ରେଷ୍ଠ ! ଯେଉଁଠାରେ ଶକ୍ତି ପରାଜିତ ହୋଇଥାଏ ସେଠି ତ ଭକ୍ତି ବିଜୟୀ ହୋଇଥାଏ'- କହିଥିଲେ ବିଷ୍ଣୁ । ଯଦି ନାରାୟଣଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥାଅ ତ ଭକ୍ତିରେ ତାଙ୍କର ଆରାଧନା କର । ଏହା ତୁମ ପାଇଁ ସୁସାଧ୍ୟ । ମୁନିଦ୍ୱୟ ରୂପରେ ସେ ହିଁ ତ ସେଠାରେ ବିଶ୍ୱମଙ୍ଗଳ କାମନାରେ ତପସ୍ୟାରତ ଥିଲେ । ପ୍ରହ୍ଲାଦ ବଦରିକାଶ୍ରମ ଯାଇ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ଭଗବାନ ନର-ନାରାୟଣଙ୍କୁ ଭକ୍ତି-ଶ୍ରଦ୍ଧା ବଳରେ ତପଶ୍ଚରଣ ପୂର୍ବକ ବଶ କରିଥିଲେ ।



## ବ୍ଲକ ପରିସରରେ ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଧାରଣା




କୃଷ୍ଣପ୍ରସାଦ, (ନିପ୍ର): ଦୀର୍ଘଦିନ ଧରି ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ନିଜର ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି । ବିଧାନସଭା ସମ୍ମୁଖରେ ଶିକ୍ଷୟିତ୍ରୀମାନେ ମାଣବସାଇ ଲକ୍ଷ୍ମୀ ପୂଜା କରି ଧାରଣାରେ ବସିଥିବା ନଜିର ରହିଛି । ହେଲେ ସରକାର କେବଳ ତାଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଧାରଣାରୁ ହଟାଇବାରେ ସିଦ୍ଧ ହସ୍ତ ହୋଇଛନ୍ତି । ଏଥର ଓସ୍ତା ସଂଘ କିନ୍ତୁ ନିଜ ଜିଦରେ ଅଟଳ ଅଛନ୍ତି । ଓଡ଼ିଶାର ୩୧୪ ବ୍ଲକ କାର୍ଯ୍ୟାଳୟକୁ ଏକ ସଙ୍ଗେ ଘେରାଉ କରିଛନ୍ତି । ନିଜର ଦାବିକୁ ସ୍ଲୋଗାନ ଦେଇ ବ୍ଲକ ଛକ ଠାରୁ ଏକ ରାଲିରେ କୃଷ୍ଣପ୍ରସାଦ ବ୍ଲକ ପରିସର ରେ ପହଞ୍ଚିଥିଲେ । ସେଠାରେ ନିଜର ଦାବି ସମୂହକୁ ଭାଷଣ ମାଧ୍ୟମରେ ଜନସାଧାରଣରେ ଉପସ୍ଥାପନ କରିଥିଲେ । ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପବିତ୍ର କୁମାର ଦାସ କହିଥିଲେ ସରକାର ତୁମେ ଦାବି ପୂରଣ କର ନଚେତ ଗାଦି ଛାଡ଼ । ସେହିଭଳି ବ୍ଲକ ଓସ୍ତା ସଭାପତି କାଶୀନାଥ ଜେନା କହିଲେ ୧୯୪ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୧୯୪ ଶିକ୍ଷା ନୀତିକୁ ଲାଗୁ କରି ପୁରୁଣା ପେନସନର ବ୍ୟବସ୍ଥା କରିବା,ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୁରଣ କରିବା ଏବଂ ଅବସର ସମୟ ୬୦ ବର୍ଷ ରୁ ୬୨ ବର୍ଷ ବୃଦ୍ଧି ଆଦି ଦାବି ଥିବା ପ୍ରକାଶ କରିଥିଲେ । ଓସ୍ତା ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ବିଭୁ ନାରାୟଣ ଜେନା ଏବଂ ବ୍ଲକ ଓସ୍ତା ସମ୍ପାଦକ ସନାତନ ତରେଇ କହିଥିଲେ ଆସନ୍ତା ୭ ତାରିଖ ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଏବଂ ଦାବିପତ୍ର ଦିଆଯିବ । ୧୭ ତାରିଖ ରେ ବିଧାନସଭାକୁ ଘେରାଉ କରାଯିବ । ଦାବି ପୂରଣ ନ ହେଲେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସଠିକ ଜବାବ ଦିଆଯିବ । ସଭା ଶେଷରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀ ଙ୍କ ଉଦେଶ୍ୟ ରେ ବିଡ଼ିଓ ଅମୀୟ କୁମାର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

### ରେଭେନ୍ସା ଛାତ୍ର ଆନ୍ଦୋଳନ :

## ଟିଚର୍ସ ଆସୋସିଏସନ୍‌ର କ୍ଷମା ପ୍ରାର୍ଥନା ଦାବି

କଟକ(ନିପ୍ର): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଚାଲିଥିବା ଛାତ୍ର ଆନ୍ଦୋଳନ ନୂଆ ମୋଡ଼ ନେଇଛି । ଏହା ଆଉ କେବଳ ଛାତ୍ର ଓ ରେଭେନ୍ସା କର୍ତ୍ତୃପକ୍ଷଙ୍କ ମଧ୍ୟରେ ସୀମିତ ନାହିଁ । ବିବାଦ ଛାତ୍ରଙ୍କ ଠାରୁ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ରେଭେନ୍ସା ଟିଚର୍ସ ଆସୋସିଏସନ୍‌ଙ୍କ ମଧ୍ୟରେ ଉଗ୍ର ରୂପ ନେଇଛି । ଗୋଟିଏ ପଟେ ବିଧାୟକ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଟିଚର୍ସ ଆସୋସିଏସନ୍ ଦାବି କରୁଥିବା ବେଳେ, ଅନ୍ୟପଟେ ବିଧାୟକ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖି ଚିଫ୍ ଓ୍ୱାର୍ଡେନ ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଘଟିଥିବା ବିବାଦ ଏବେ ରାଜନୈତିକ ଓ ଶିକ୍ଷାଗତ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି



। ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ଘଟଣାକୁ ନେଇ ବିଧାନସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ବିଧାୟକ ଅଭିଯୋଗ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ବିଶ୍ୱବିଦ୍ୟାଳୟକୁ ଯାଇଥିବା ବେଳେ ଚିଫ୍ ଓ୍ୱାର୍ଡେନ ସୁଦର୍ଶନ ମିଶ୍ର ଅଯଥା ଯୁକ୍ତିତର୍କ କରିଥିଲେ । ଏହାକୁ ନେଇ ସେ ଚିଫ୍ ଓ୍ୱାର୍ଡେନଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଅନ୍ୟପଟେ ରେଭେନ୍ସା ଟିଚର୍ସ ଆସୋସିଏସନ୍ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି । ଆସୋସିଏସନ୍ ପକ୍ଷରୁ ବିଧାୟକ ଶ୍ରୀ ସେଠୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଦାବି କରାଯାଇଛି । ଘଟଣାକୁ ନେଇ ଉଭୟ ପକ୍ଷ ନିଜ ନିଜ ଅବସ୍ଥାନରେ ଅଟଳ ରହିଛନ୍ତି । ଏହି ବିବାଦ ପରେ ବିଶ୍ୱବିଦ୍ୟାଳୟର ପରିବେଶ ଉପରେ ମଧ୍ୟ ପ୍ରଭାବ ପଡ଼ିଛି । ଶିକ୍ଷକ, ଛାତ୍ରଛାତ୍ରୀ ଓ ପ୍ରଶାସନ ମଧ୍ୟରେ ଏହାକୁ ନେଇ ଆଲୋଚନା ଜୋର ଧରିଛି । ବିଧାୟକଙ୍କ ଅଭିଯୋଗ ଓ ଟିଚର୍ସ ଆସୋସିଏସନ୍‌ର ପ୍ରତିକ୍ରିୟା ପରେ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି । ରେଭେନ୍ସା ଶିକ୍ଷକଙ୍କୁ ସମର୍ଥନ ଜଣାଇ ଛାତ୍ରଛାତ୍ରୀ ମଧ୍ୟ ପ୍ରତିବାଦ କରି ବିଧାୟକଙ୍କ ଠାରୁ କ୍ଷମା ପ୍ରାର୍ଥନା କରାଯାଇଛି । ବିଧାୟକ କ୍ଷମା ପ୍ରାର୍ଥନା ନକଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ଚିଲିକାରୁ ୧୦୦ ଏକର ବେଆଇନ ଘେରି ଉଚ୍ଛେଦ



କୃଷ୍ଣପ୍ରସାଦ,(ନିପ୍ର ): ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ନିଳାମ୍ବୁ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଚିଲିକାକୁ ଘେରି ମୁକ୍ତ କରି ସୁନ୍ଦର ପରିବେଶ ଗଠନ କରିବା ଉଦ୍ୟମ ଚାଲିଥିବା ବେଳେ ଏହା ଉପରେ ନିର୍ଭର କରି ଚାଲୁଥିବା ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି । ଚିଲିକାରୁ ଜାଲ ବାଡ଼ ଉଚ୍ଛେଦ କରାଯାଉଛି । ବୁଧବାର ବଜ୍ରକୋଟ ରାଜସ୍ୱ ସର୍କଲ ଅଧିନ ତାଳତଳା ବାହାର ଚିଲିକା ଅଞ୍ଚଳରୁ ୧୦୦ ଏକର ଚିଲିକାରେ ହୋଇଥିବା ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି । ଘେରିରେ ବ୍ୟବହାର ହୋଇ ଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି । ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ଜେସିବ ମେସିନ ସହିତ ୩୦ ଜଣ ଶ୍ରମିକ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ସବଇନ୍ସପେକ୍ଟର ପ୍ରଫୁଲ କୁମାର ନାୟକଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟମାନଙ୍କ ତହସିଲ ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ, ବଜ୍ରକୋଟ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ଚିଲିକା ନୂଆପଡା ରାଜସ୍ୱ ନିରୀକ୍ଷକ ମୋହନ କୁମାର ସ୍ୱାଇଁ ସମେତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଚିଲିକାକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

## ଜୟଦୁର୍ଗା ସଂସ୍କୃତ ବିଦ୍ୟାପୀଠରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

କୃଷ୍ଣପ୍ରସାଦ, (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜୟ ଦୁର୍ଗା ସଂସ୍କୃତ ବିଦ୍ୟାପୀଠ ବାଲି ଜଗନ୍ନାଥପୁର ଦେଉଳପଡାରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲଖ ପାହାଣ ଯୋଗଦେଇ ଥିଲେ । ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ର ଛାତ୍ରୀଙ୍କ ଉତ୍ତମ ଶିକ୍ଷା, ପରିଷ୍କାର ପରିଚ୍ଛନ୍ନତା ଓ ଉପସ୍ଥାନ ସମେତ ବିଦ୍ୟାଳୟର ଉନ୍ନତି କିପରି ହେବ ସେ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା ।

## ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

ବଡ଼ସାହି, (ନିପ୍ର): ଆଜି ଅପରାହ୍ନରେ ବଡ଼ସାହି ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାକକ୍ଷରେ ବଡ଼ସାହି ବ୍ଲକ୍ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବଡ଼ସାହି ପଞ୍ଚାୟତ ସମିତିର ଅଧକ୍ଷା ଶ୍ରୀମତୀ ମିନତି ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବଡ଼ସାହି ବ୍ଲକର ବିଡିଓ ବନଜା ଦାସ, ସ୍ଥାନୀୟ ଥାନାର ଆଇଆଇସି ସୁଦାମ ଚରଣ ନନ୍ଦୀ, ଜାତୀୟ ଦିବସ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ରଣଜିତ କୁମାର ଦାସ ମଞ୍ଚାସୀନ ଥାଇ ଆଲୋଚନାରେ ଦିଗଦର୍ଶନ ପ୍ରଦାନ କରିଥିଲେ । ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ବଡ଼ସାହି ପଞ୍ଚାୟତ ସମିତିର ପ୍ରାକ୍ତନ ଚେୟାରମେନ ମନୋରଞ୍ଜନ ବଳ, ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀ ସୁବୋଧ କୁମାର ଦଣ୍ଡପାଟ, ଅବସରପ୍ରାପ୍ତ ସ୍କୁଲ୍ ନିରୀକ୍ଷକ ବଙ୍କିମ ବିହାରୀ ପାତ୍ର, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ଦେବରାଜ ନାୟକ, କୋଷାଧକ୍ଷ କୃପାସିନ୍ଧୁ ବେରା, ସଦସ୍ୟ ପ୍ରକାଶ ଚନ୍ଦ୍ର ଦାସ, ଅନନ୍ତ ପଶା,ହେଲ୍ପିଂ ହେଣ୍ଡ ମୟୂରଭଞ୍ଜ ଟ୍ରଷ୍ଟ, ବଡ଼ସାହି ଶାଖାର ସଦସ୍ୟମାନେ ଆଲୋଚନାରେ ଭାଗ ନେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ବୈଠକରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ତଥା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, (ନି.ପ୍ର): ଭବାନୀପାଟଣାସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୮୦-ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଏକ ନିର୍ବାଚନ ସାକ୍ଷରତା କ୍ଲବ ମାଧ୍ୟମରେ ସିଭପ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, କଳାହାଣ୍ଡି, ଉପ-ଜିଲ୍ଲାପାଳ, ଭବାନୀପାଟଣା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୮୦-ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ, ନିବନ୍ଧକ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, ଡେପୁଟି କଲେକ୍ଟର, ଇଲେକ୍ସନ, କଳାହାଣ୍ଡି, ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି ଏବଂ ଅନ୍ୟାନ୍ୟ ଉପ-ଜିଲ୍ଲାପାଳ, ଭବାନୀପାଟଣା କାର୍ଯ୍ୟାଳୟର ଅଧିକାରୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ଏକ ସିଭପ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଏକ ସଠିକ, ଅନ୍ତର୍ଭୁକ୍ତ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଚଳିତ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରତି ସଚେତନ କରିଥିଲା ।

### 'ସାଂପ୍ରତିକ ଭାରତୀୟ ଶିକ୍ଷାନୀତି ଓ ପଣ୍ଡିତ ନୀଳକଣ୍ଠ ଦାସ' ଶୀର୍ଷକ ଆଲୋଚନାଚକ୍ର

## ପଣ୍ଡିତ ନୀଳକଣ୍ଠ ଦାସଙ୍କ ସେବା ଭାବ ଜାତୀୟ ଶିକ୍ଷାନୀତିରେ ପ୍ରତିଫଳିତ: କୁଳପତି

ଭୁବନେଶ୍ୱର(ନିପ୍ର): ଓଡ଼ିଶାର ପ୍ରଖ୍ୟାତ ଶିକ୍ଷାବିତ, ସାହିତ୍ୟିକ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ ତଥା ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତି ଅଧ୍ୟୟନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ଆନୁକୂଲ୍ୟରେ "ସାଂପ୍ରତିକ ଭାରତୀୟ ଶିକ୍ଷାନୀତି ଓ ପଣ୍ଡିତ ନୀଳକଣ୍ଠ ଦାସ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶିକ୍ଷା ଦର୍ଶନ ଆଧୁନିକ ଭାରତ ଶିକ୍ଷାନୀତି ପାଇଁ ଏକ ପ୍ରେରଣାଦାୟକ ଆଧାର ବୋଲି କହିଥିଲେ । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ସଦସ୍ୟ ତଥା ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଶ୍ରୁତି ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷାଭିତ୍ତିକ ଆନ୍ଦୋଳନ ମାଧ୍ୟମରେ ଯେଉଁ ଶିକ୍ଷାଦାନ ପଦ୍ଧତିର ଆବଶ୍ୟକତାକୁ ପ୍ରତିପାଦିତ କରିଥିଲେ, ତାହାର ଅନେକ ବିଶେଷତ୍ୱ ଦ୍ୱାରା ଆଜିର ଜାତୀୟ ଶିକ୍ଷାନୀତି ପ୍ରଭାବିତ ବୋଲି କହିଥିଲେ । କୁଳପତି ପ୍ରଫେସର ସ୍ୱାଇଁ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର ଚରିତ୍ର ଗଠନ, ସେବା ଭାବ, ନୈତିକ ମୂଲ୍ୟବୋଧ,




ସାମାଜିକ ଦାୟିତ୍ୱକୁ ଶିକ୍ଷାର କେନ୍ଦ୍ରବିନ୍ଦୁ ଭାବେ ଗୁରୁତ୍ୱ ଦେବା ଆଜି ସାଂପ୍ରତିକ ଜାତୀୟ ଶିକ୍ଷାନୀତିରେ ପ୍ରତିଫଳିତ ହେବା ସହ ସ୍ଥାନୀୟ ଭାଷା, କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷାକୁ ପ୍ରାଧାନ୍ୟ ଦେଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଡ. ଜ୍ଞାନରଂଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ୪ ଦଫା ଦାବିରେ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ କମିଟି ପକ୍ଷରୁ ଦାବିପତ୍ର




ଆସିକା,(ନିପ୍ର): ଓଡ଼ିଶା ସ୍କୁଲ କଲେଜ ସମନ୍ୱୟ କମିଟି, ଆସିକା ବ୍ଲକ୍ ଶାଖା ପକ୍ଷରୁ ୪ ଦଫା ଦାବିରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆସିକା ଏବିଡ଼ିଓ ସୁଶାନ୍ତ କୁମାର ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇଛି । ହିଞ୍ଜିଳିକାଟୁ ବ୍ଲକ୍ ସଂଘ ସଭାପତି ତାରା ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳ ଆସିକା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।। ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତଥାପି କୌଣସି ସୁଫଳ ମିଳିନାହିଁ । ପୂର୍ବ ସରକାର ବ୍ଲକ୍ ଗ୍ରାଣ୍ଟ ବ୍ୟବସ୍ଥାକୁ ଉଚ୍ଛେଦ କରି ୨୦୧୮ ମସିହାରେ ନୂତନ ଗ୍ରାଣ୍ଟ୍ ଇନ୍ ଏଡ୍ ନୀତି ପ୍ରଚଳନ କରିଥିଲେ । ସେହି ନୀତି ଅନୁସାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କ ସକାଶେ ସେବା, ସର୍ତ୍ତ ଓ ପେନସନ ବ୍ୟବସ୍ଥା ନାହିଁ । ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର କିଛି ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ମାନେ ପ୍ରତିବର୍ଷ ଅବସର ଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କୁ ପେନସନ କିମ୍ବା ଆର୍ଥିକ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଉନଥିବା ଅଭିଯୋଗ କରିଛନ୍ତି । ରାଜ୍ୟର ୧୯୪ଟି ଅଣ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନେ ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ବିନା ପାରିଶ୍ରମିକରେ ଶିକ୍ଷାଦାନ କରି ଆସୁଛନ୍ତି । ଏପରିକି ସଂପୃକ୍ତ ବିଦ୍ୟାଳୟର ଶିକ୍ଷାର୍ଥୀ ମାନଙ୍କୁ ପୋଷାକ, ମଧ୍ୟାହ୍ନ ଭୋଜନ, ସାଇକେଲ, ପାଠ୍ୟପୁସ୍ତକ କିମ୍ବା କୌଣସି ସରକାରୀ ସୁବିଧା ସୁଯୋଗ ମିଳି ପାରୁନାହିଁ । ଏହି ପରିପ୍ରେକ୍ଷୀରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ କୁ ଯଥାଶୀଘ୍ର ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୁରଣ, ଅବସର ବୟସ ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି କଳ୍ପିତ ବେତନ ପ୍ରଦାନ ସହ ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରାଯାଇ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରିଛନ୍ତି । ନଚେତ୍ ଆଗାମୀ ୧୬ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋକର ପିଏମଜି ଠାରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ରାମକୃଷ୍ଣ ପଣ୍ଡା, ହିମାଂଶୁ ଶେଖର ମୁନି, ପ୍ରସନ୍ନ କୁମାର ପାଣିଗ୍ରାହୀ, ସୁଧାଂଶୁ ଶେଖର ଦାସ, ଯୋଗେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, ବିଭୁ ପ୍ରସାଦ ପଣ୍ଡା, ସୁଧାଂଶୁ ଶେଖର ପାଢ଼ି, ସୋମନାଥ ଦାସ, ବୁଲୁ ସେଠି, ଶଙ୍କର ବେହେରା, କୈଳାସ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ଗୌଡ, ଶଶି ଭୁଷଣ ସାହୁ, ଭାସ୍କର ଚନ୍ଦ୍ର ସିଅ, ପ୍ରଫୁଲ ବେହେରାଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ।

## ଉପମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ବନ୍ୟାଞ୍ଚଳ ଗସ୍ତ

### ରିଲିଫ୍ ଓ ପାଲ ପାଇଁ ଗାଡ଼ି ଅଟକାଇଲେ ବିପନ୍ନ

ବାଲିଚନ୍ଦ୍ରପୁର(ନିପ୍ର) : ଯାଜପୁର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ କ୍ଷତିଘଟିଥିବା ବେଳେ ସରକାରୀ ରିଲିଫ୍ ନପହଞ୍ଚିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଜପୁର ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଥମେ ବଡ଼ଚଣା ବ୍ଲକର ଗୋପାଳପୁର ଅଞ୍ଚଳକୁ ଯାଇ ବନ୍ୟା ସ୍ଥିତିର ପରିଦର୍ଶନ କରିଥିଲେ । ଏହି ସମୟରେ ବିପନ୍ନ ଲୋକମାନେ ତାଙ୍କ ଗାଡ଼ି ଅଟକାଇ 'ଆମକୁ ପାଲ ଦିଅ, ରିଲିଫ୍ ଦିଅ' ବୋଲି ଚିତ୍କାର କରିବା ସହ ଏପର୍ଯ୍ୟନ୍ତ କାହିଁକି ସାହାଯ୍ୟ ମିଳିନାହିଁ ବୋଲି ପ୍ରଶ୍ନ କରିବା ସହ ଗାଡ଼ି ଘେରିଲେ ଲୋକେ । ବାଲିଚନ୍ଦ୍ରପୁର, ପତରାଜପୁର, ଆମ୍ବସୋରି , ଚାରିନଙ୍ଗଳ , ବାହାଦୁରନଗର, କଳାଶ୍ରୀ-ଗୋପାଳପୁର, ଚଣ୍ଡିଆ ଓ ବନମାଳୀପୁର ଆଦି ଗ୍ରାମରେ ବ୍ୟାପକ କ୍ଷତି ଘଟିଛି । ହଜାର ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ବେଳେ ଗୋସମ୍ପଦ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହେବା ସହ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇପଡ଼ିଛି । ସମସ୍ତ ପ୍ରଭାବିତ ଓ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ ରିଲିଫ୍ ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।



ଏହି ଗସ୍ତ ସମୟରେ ବଡ଼ଚଣା ବିଧାୟକ, ଯାଜପୁର ଜିଲ୍ଲାପାଳ , ବଡ଼ଚଣା ବିଡିଓ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ବିପନ୍ନଙ୍କ ପ୍ରଶ୍ନବାଣରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ଥିବା ନେତାମାନେ ଛତ୍ରଭଙ୍ଗ ଦେଇଥିବା ଦେଖିବାକୁ ମିଳିଥିଲା ।

## କୃଷି ପ୍ରଶିକ୍ଷଣ ସଚେତନତା କାର୍ଯ୍ୟକ୍ରମ

ପୁରୀ(ନିପ୍ର): ସୋଆ ବିଶ୍ୱବିଦ୍ୟାଳୟ ଚତୁର୍ଥବର୍ଷ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗ୍ରାମୀଣ କୃଷି କାର୍ଯ୍ୟ ଅନୁଭୂତି ଅଧିନସ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲିଅନ୍ତା ବ୍ଲକ ଝିଣ୍ଟି ଶାସନ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜି ୧ ଛାତ୍ରୀ ଗୋଷ୍ଠୀ ଡ଼ଃ ସନ୍ତୁଳିତ ସାର ପ୍ରଦାନ କରିବା ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିଥିଲେ । ମହାବିଦ୍ୟାଳୟର ଡିନ ଡ଼ଃ ସନ୍ତୋଷ କୁମାର ରାଉତ ଓ ରାଓ୍ୱେର ଚେୟାରମ୍ୟାନ ଡ଼ଃ ଅଂଶୁମାନ ଜେନାଙ୍କ ତତ୍ତ୍ୱାବଧାନ ଓ ଡ଼ଃ ବିଶାଲ ବିନୟ ଭଞ୍ଜଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ କୃଷକ ମାନଙ୍କୁ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଫସଲର ଉତ୍ପାଦନ କ୍ଷମତା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଅବଗତ କରାଯାଇଥିଲା ।ସାର ପ୍ରୟୋଗ ପୂର୍ବରୁ ମୃତ୍ତିକା ପରୀକ୍ଷା କରିବା, ଫସଲର ଆବଶ୍ୟକତା ଅନୁଯାୟୀ ସାରର ମାତ୍ରା ନିର୍ଧାରଣ କରିବା, ଠିକ ସମୟରେ ଓ ଠିକ ପ୍ରଣାଳୀରେ ସାର ପ୍ରୟୋଗ କରିବା ବିଷୟରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ଥିଲା ସାର ପ୍ରୟୋଗ ପୂର୍ବରୁ ନିଶ୍ଚୟ ମୃତ୍ତିକା ପରୀକ୍ଷା କରନ୍ତୁ ଏବଂ ସୁସ୍ଥ ମାଟି ହେଉଛି ସୁସ୍ଥ ଫସଲର ଆଧାର ।ସନ୍ତୁଳିତ ପୋଷକ ତତ୍ତ୍ୱ ପରିଚାଳନା ଓ ଗୁଣବତ୍ତା ବୃଦ୍ଧି ସହିତ ଦୀର୍ଘ ମିଆଦିରେ ମାଟିର ଉର୍ବରତା ରକ୍ଷା କରାଯାଇପାରିବ ବୋଲି କୃଷକ ମାନଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଜି ୧ ଛାତ୍ରୀ ଗୋଷ୍ଠୀ ଦ୍ୱାରା ଗ୍ରାମରେ ସଚେତନତା ପଦଯାତ୍ରା କରାଯିବା ସହ କ୍ଷୁଦ୍ର ନାଟକ ମାଧ୍ୟମରେ ସନ୍ତୁଳିତ ସାର ପ୍ରୟୋଗ କରିବାର ମହତ୍ୱକୁ କୃଷକ ମାନଙ୍କୁ ବୁଝାଯାଇଥିଲା ।

## ବର୍ଦ୍ଧିତ ପାର୍କିଂ ଫିଂକୁ ପ୍ରତ୍ୟାହର କଲା ଦେବୋତ୍ତର ବିଭାଗ

କଣ୍ଟିଲୋ,(ନି.ପ୍ର): ନୟାଗଡ ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଶହଶହ ସଂଖ୍ୟାରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଓ ତୀର୍ଥ ଯାତ୍ରୀମାନଙ୍କ ଠାରୁ ଯାନବାହନ ପାର୍କିଂ ଫି ବାବଦରେ ଚଳିତ ବର୍ଷ ଅଧିକ ଟଙ୍କା ଆଦାୟ ନିମନ୍ତେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଘୋଷଣା କରିବା ପରେ ବର୍ଦ୍ଧିତ ହାରରେ ପାର୍କିଂ ଫି କୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । କଣ୍ଟିଲୋ ଅଞ୍ଚଳବାସୀ ଏ ସଂପର୍କରେ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏ ନେଇ ବିଭିନ୍ନ ମହଲରେ ପ୍ରତିବାଦର ସୃଷ୍ଟି ଉଠିଥିଲା । ତେବେ ଗତ ୧ ତାରିଖରେ 'ଦିନଲିପି'ରେ ଏ ସଂକ୍ରାନ୍ତରେ ଖବରଟି ପ୍ରକାଶ ପାଇଥିଲା ।ପରେ ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଚଳିତ ବର୍ଷ ଲାଗୁ କରିଥିବା ବର୍ଦ୍ଧିତ ହାରରେ ପାର୍କିଂ ଫି କୁ ପ୍ରତ୍ୟାହାର କରିବା ସହ ବିଭାଗ ପକ୍ଷରୁ ଗତ ବର୍ଷ ଧାର୍ଯ୍ୟ କରାଯାଇଥିବା ପାର୍କିଂ ଫି ବଳବତ୍ତର ରହିଲା ବୋଲି ତହସିଲଦାର ଶ୍ରୀ ତ୍ରିପାଠୀଙ୍କ ଠାରୁ ପ୍ରକାଶ ।

## 'ଆସ ଖେଳିବା ଆସ ଶିଖିବା' କାର୍ଯ୍ୟକ୍ରମର ଶୁଭାରମ୍ଭ



ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲାର ଶିଶୁମାନଙ୍କ ସାମଗ୍ରିକ ବିକାଶ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ 'ଆସ ଖେଳିବା ଆସ ଶିଖିବା' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଅଶୁତୋଷ କୁଲକର୍ଣ୍ଣୀ, ଆଇଏଏସ୍, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ରାୟଗଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତାଙ୍କ ସହ ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ପ୍ରତିମା ଦାଶ, ପ୍ରୋଗ୍ରାମ ଅଫିସର, ଶ୍ରୀମତୀ ଅହଲ୍ୟା ସୁନା, ପ୍ରୋଗ୍ରାମ ଅଫିସର, ଜିଲ୍ଲାର ସମସ୍ତ ୯ ଜଣ ସିଡିପିଓ, ଶ୍ରୀମତୀ ମଧୁଲତା ଦଣ୍ଡସେନା (ପୋଷଣ ଡିସି), ଶ୍ରୀ ଅପୂର୍ବ ନାଥ (ପୋଷଣ ଡିପିଏ), ୩୫ ଜଣ ସୁପରଭାଇଜର ଏବଂ ୧୦ ଜଣ ପୋଷଣ ବ୍ଲକ କୋଓର୍ଡିନେଟର ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ 'ଆସ ଖେଳିବା ଆସ ଶିଖିବା' ପଦକ୍ଷେପର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟପଦ୍ଧତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଖେଳ ମାଧ୍ୟମରେ ଶିକ୍ଷା ଶିଶୁଙ୍କ ବୟସ ଉପଯୁକ୍ତ ବିକାଶ, ଭାଷା ଓ ଜ୍ଞାନଗତ କୌଶଳର ବିକାଶ ସହିତ ଅଭିଭାବକଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରାଯାଇଥିଲା ।

## ଭୀମଟାଙ୍ଗୀ ବିକାଶ ପରିଷଦର ନୂଆ କର୍ମକର୍ତ୍ତା

ଭୁବନେଶ୍ୱର(ନିପ୍ର): ଭୀମଟାଙ୍ଗୀ ବିକାଶ ପରିଷଦର ୩୧ତମ ବାର୍ଷିକ ଅଧିବେଶନ ଅବସରରେ ୨୦୨୬-୨୮ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାମପ୍ରସାଦ ରଥ - ସଭାପତି, ନିର୍ମଳ ଚନ୍ଦ୍ର ସ୍ୱାଇଁ - ଉପସଭାପତି, ରଞ୍ଜନ କୁମାର ପଣ୍ଡା - ସଂପାଦକ, ରାଜକିଶୋର ପାତ୍ର - ସହସଂପାଦକ, ରବିନ୍ଦ୍ରନାଥ ମଲ୍ଲିକ - କୋଷାଧକ୍ଷ ଓ ସୁଧାଂଶୁ ଶେଖର ହରିଚନ୍ଦନ - ସହକୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟନିର୍ବାହୀ ସଦସ୍ୟ ଭାବରେ ୯ଜଣ ରହିଥିବା ଜଣାପଡିଛି ।

ତିଥି :(ଅଷ୍ଟମୀ ): (ଦ୍ୱିଜା, ମେଷ)
ଅମୃତ ବେଳା: ପ୍ରାତଃ ୫।୨୮ ରୁ ଘ ୭।୦୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ‘ଚାନ୍ଦିପୁରା’ ଲେଉଟାଣି

ନିକଟରେ ଗୁଜରାଟରେ ଚାନ୍ଦିପୁରା ଭୂତାଣୁରେ ସଂକ୍ରମିତ ୨୨ ଶିଶୁ ଅକାଳରେ ଆଖି ବୁଜିଛନ୍ତି। ଉକ୍ତ ରାଜ୍ୟରେ ଏହି ଭୂତାଣୁ ସନ୍ଦିଗ୍ଧଙ୍କ ସଂଖ୍ୟା ୧୮୪ ଥିବା ବେଳେ ୩୫ ଜଣ ସଂକ୍ରମଣ ସ୍ଥିତିରେ ଅଛନ୍ତି। ୭ ଜଣ ଚିକିତ୍ସାଧୀନ। ସଂକ୍ରମିତଙ୍କ ବୟସ ୧୫ ବର୍ଷରୁ ତଳକୁ। ସୁତରାଂ ସତର୍କତା ଲୋଡ଼ା।

କୋଭିଡ ସଂକ୍ରମଣ ଏକଦା ଧୀରେ ଧୀରେ ଗୋଟିଏ ଦୁଇଟି ରାଜ୍ୟରୁ ସଂକ୍ରମିତ ହୋଇ ସମଗ୍ର ଦେଶକୁ କବଳିତ କରିଥିଲା, ଲୋକେ ସେହି ସଂକ୍ରମଣର ଭୟାବହତାକୁ କଦାପି ପାସୋରିପାରିବେ ନାହିଁ। ତେବେ ଆଲୋଚ୍ୟ ‘ଚାନ୍ଦିପୁରା’ରେ ଅଧିକ ସଂଖ୍ୟକ ଶିଶୁ ସଂକ୍ରମିତ ହେଉଥିବା ହେତୁ ସେମାନଙ୍କ ବାପା’ମା ଓ ଆତ୍ମୀୟ ସ୍ୱଜନ ଉଦ୍‌ବିଗ୍ନ ହେବା ସ୍ୱାଭାବିକ। ରକ୍ତପାୟୀ ପତଙ୍ଗଙ୍କ ଦ୍ୱାରା ସଂକ୍ରମିତ ହେଉଥିବା ଚାନ୍ଦିପୁରା ଭୂତାଣୁର ମୂଳ ନାମ ଭେସିକୁଲା ଭାଇରସ। ତେବେ ମହାରାଷ୍ଟ୍ର ନାଗପୁର ଜିଲ୍ଲାର ଚାନ୍ଦିପୁରା ଗ୍ରାମରେ ୧୯୬୫ରେ ପ୍ରଥମେ ଏହା ଠାବ ହୋଇଥିଲା ଓ ସେବେଠାରୁ ଏହି ଭୂତାଣୁ ଗାଁ ନାଁ ସହ ଯୋଡ଼ି ହୋଇଯାଇଛି। ବିଶେଷକରି ଦେଶର ମଧ୍ୟଭାଗ ଓ ପଶ୍ଚିମାଞ୍ଚଳରେ ଏହା ପ୍ରାଦୁର୍ଭାବ ମଝିରେ ମଝିରେ ଉଦ୍‌ବେଗର କାରଣ ହୋଇଥାଏ।

ଗତ ୨୦୨୪ରେ ଆକ୍ୟୁଟ୍ ଏନସେଫାଲାଇଟିସ ସିଣ୍ଡ୍ରୋମ ମାମଲା ୨୪୫ ଟି ଓ ମୃତ୍ୟୁ ୮୨ ଜଣଙ୍କର ଘଟିଥିଲା ଏବଂ ସେଥିରୁ ୬୪ ମାମଲା ଥିଲା ଚାନ୍ଦିପୁରା ଭୂତାଣୁ ସଂକ୍ରମଣଜନିତ। ଗୁଜରାଟରେ ଏବେ ଏହା ପ୍ରାଦୁର୍ଭାବ ପଛରେ ଯାହା ମନେ ହୁଏ ଉକ୍ତ ରାଜ୍ୟରେ ବର୍ଷା ବିପ୍ୟାତ କାରଣରୁ ପରିମଳ ବିଗିଡ଼ିବା ଫଳରେ ଏହି ଭୂତାଣୁ ସକ୍ରିୟ ହୋଇଛି। ଯେବେ ଏହାର ସଂକ୍ରମଣ ଘଟେ ରୋଗୀଠାରେ ପ୍ରବଳ ଜ୍ୱର ସହିତ ବାନ୍ତି, ମୁଣ୍ଡବ୍ୟଥା,ମାଂସପେଶୀ ଯନ୍ତ୍ରଣା ପ୍ରଭୃତି ଲାଗି ରହିବା ଓ ଗୁରୁତରଙ୍କଠାରେ ଶରୀରରେ ଜଟିଳତା ସୃଷ୍ଟି କରେ ଯାହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଏକ ବା ଏକାଧିକ ଅଙ୍ଗ ଅଚଳ ହୋଇଯାଏ। ସଂକ୍ରମିତ ରୋଗୀ ପାଇଁ ଫାଷ୍ଟଟ୍ରାକ ଆଇସିୟୁ ଓ ଭେଣ୍ଟିଲେଟର ବ୍ୟବସ୍ଥା ଲୋଡ଼ା ପଡେ। ଗୁଜରାଟ କାହିଁକି ବର୍ଷା ବିପ୍ୟାତ ହେଉ କି ବନ୍ୟା ବିପର୍ଯ୍ୟୟ ହେଉ ଆଜିକାଲି ଦେଶରେ ଅଧିକାଂଶ ଅଞ୍ଚଳରେ ଏହା ଘଟୁଥିବା ବେଳେ ଏହି ଭୂତାଣୁ ଅନ୍ୟ ସ୍ଥାନରେ ବି ତାହାର ଦୌରାତ୍ମ୍ୟ ବିସ୍ତାରିତ କରିପାରେ,ତେଣୁ ସାବଧାନତା ବିଶେଷ କରି ସଚେତନତା ବ୍ୟାପକ ହେବା ଅପରିହାର୍ଯ୍ୟ । ଏଥିସହିତ ନିଜ ନିଜ ଅଞ୍ଚଳର ପରିମଳ ରକ୍ଷା ଦିଗରେ ସରକାରୀ ଓ ବେସରକାରୀ ପ୍ରୟାସ ଆରମ୍ଭ ହୋଇଯିବା ଲୋଡ଼ା। ମିଳିତ ଭାବରେ ପରିମଳ ରକ୍ଷା ପ୍ରତି ସଚେତ ହେବା ସହ କେଉଁଠି ଯଦି ସଂକ୍ରମଣ ଦେଖାଯାଏ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଣ ସମୟର ଆବଶ୍ୟକତା, ଏହା ସର୍ବଦା ହେଜିବାକୁ ହିଁ ହେବ।

# ମଧୁ ବାବୁ ଓ ମହାତ୍ମା ଗାନ୍ଧୀଙ୍କ ସାକ୍ଷାତ

### ଡ.ଅରୁନ୍ଧତୀ ଦେବୀ

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କର ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ। ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର। କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ। ସିଏ ଥିଲେ ଶିଳ୍ପପତି। ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାରା। ଆଉ ମା’-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ। କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି। କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଶେରେ ବି ପରିବ୍ୟାପ୍ତ ଥିଲା। ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି। ସେ ଥିଲେ ଓଡ଼ିଆ ଜାତିର ମୁରବି। ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ। ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ। ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ। ଉତ୍କଳ ଗୌରବ ମଧୁସୂଦନ ଦାସ। ଠିକ ଶହେ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା। ସେ ଦିନ କଟକରେ ପହଞ୍ଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୁପା, ଗହଣା ମାଗିଥିଲେ। ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ। ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା’ ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ। ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ। ମଧୁବାବୁ ପଥର ଅରଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ। ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ। ମଧୁବାବୁଙ୍କ ବାସଭବନ୍ତ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ। ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ। ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ୍ୟ ଆସିଥିଲେ। ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ। ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇଥିଲେ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିବର୍ତ୍ତନ ପାଇଁ ଆମନ୍ତ୍ରଣ କରିଥିଲେ। ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଞ୍ଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା। ଉତ୍କଳ ଟ୍ୟାନେରି ଚମଡ଼ା କସାଠୁ ଆରମ୍ଭ କରି ଚୂଡ଼ାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ। ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଇ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା। ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା। ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ।

୧୯୨୬ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତି ଓ ଆଉ ଜଣେ ଲିଓ ଟଲଷ୍ଟୟ ଓଡ଼ିଶାରେ ରହୁଛନ୍ତି। ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ। ୧୯୩୪ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ। କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ।

୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ଉଲ୍ଲେଖ କରିଛନ୍ତି। ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥି ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ। ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ। ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି। ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ। ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବି, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ଉତ୍କଳ ଜନନୀର ଏହି ମହାନ ସନ୍ତାନକୁ କୋଟି କୋଟି ପ୍ରଣାମ।

ମୋ- ୯୯୩୭୧୭୨୮୧୦

# ହିରୋସିମା ଦିବସ: ମାନବିକତାର କଳା ଅଧ୍ୟାୟ

### ସୌଭାଗ୍ୟ ରଞ୍ଜନ ମହାନ୍ତି

“ହିରୋସିମା ଦିବସ କେବଳ ଇତିହାସର ପୃଷ୍ଠାରେ ଘଟିଥିବା ଏକ ଅମାନୁଷିକ ବିପର୍ଯ୍ୟୟର ମର୍ମନ୍ତୁଦ ସ୍ମୃତିଚାରଣ ନୁହେଁ, ବରଂ ଏହା ମାନବ ସଭ୍ୟତାର ବିବେକକୁ ସର୍ବଦା ଜାଗ୍ରତ ରଖିବା ଏବଂ ବିଶ୍ୱର ବିନାଶକାରୀ ଶକ୍ତି ବିରୋଧରେ ଏକ ଦୃଢ଼ ନୈତିକ ପ୍ରତିରୋଧର ସବୁଠାରୁ ଶକ୍ତିଶାଳୀ ମହାମନ୍ତ୍ର ଅଟେ, ଯାହା ଅତୀତର ସେହି କଳା ଧୂଆଁ ଏବଂ ଜଳିଯାଇଥିବା ମାଟିରୁ ଉଠିଥିବା ଆର୍ତ୍ତନାଦକୁ ଆଜିର ମାନବ ସମାଜର କାନରେ ବାରମ୍ବାର ବଜାଇ ଆମକୁ ଏକ ବାସ୍ତବବାଦୀ ଶିକ୍ଷା ଦେଇଥାଏ ଯେ ବୈଜ୍ଞାନିକ ପ୍ରଗତି ଏବଂ ଆଧୁନିକତାର ଅର୍ଥ ମଣିଷକୁ ମାରିବା ପାଇଁ ପରମାଣୁ ଅସ୍ତ୍ରର ବିସ୍ତାର କରିବା ନୁହେଁ ବରଂ ସମଗ୍ର ବିଶ୍ୱର କୋଟି କୋଟି ନିରୀହ ଜୀବନକୁ ସୁରକ୍ଷା ଏବଂ ଶାନ୍ତି ଦେବା ଅଟେ।

ବିଶ୍ୱ ଇତିହାସର ଏକ ସବୁଠାରୁ କଳା ଏବଂ ମର୍ମନ୍ତୁଦ ଅଧ୍ୟାୟ ହେଉଛି ୧୯୪୫ ମସିହା ଅଗଷ୍ଟ ୬ ତାରିଖ, ଯେଉଁ ଦିନ ଜାପାନର ହିରୋସିମା ସହର ଉପରେ ମାନବଜାତିର ଇତିହାସରେ ପ୍ରଥମଥର ପାଇଁ ପରମାଣୁ ବୋମା ନିକ୍ଷେପ କରାଯାଇଥିଲା ଏବଂ ଏହି ଭୟାବହ ଦିନଟିକୁ ସ୍ମରଣ କରି ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ସମଗ୍ର ବିଶ୍ୱରେ ‘ହିରୋସିମା ଦିବସ’ ଭାବେ ପାଳନ କରାଯାଏ, ଯାହାକି କେବଳ ଏକ ସ୍ମରଣସଭା ନୁହେଁ ବରଂ ମାନବ ସମାଜ ପାଇଁ ଏକ ଗମ୍ଭୀର ଚେତାବନୀ ଅଟେ ଯେ ଯୁଦ୍ଧ କେବେହେଁ କୌଣସି ସମସ୍ୟାର ସମାଧାନ କରିପାରେ ନାହିଁ ବରଂ ଏହା କେବଳ ଧ୍ୱଂସ, କୋହ ଏବଂ ଅସୁମାରି ନିରୀହ ଜୀବନର ବଳିଦାନ ଛଡ଼ା ଆଉ କିଛି ଦେଇଥାଏ ନାହିଁ ଏବଂ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଆମେରିକା ପକ୍ଷରୁ ‘ଲିଟଲ୍ ବୟ’ ନାମକ ପରମାଣୁ ବୋମାଟି ହିରୋସିମା ସହର ଉପରେ ପକାଗଲା, ସେତେବେଳେ ମାତ୍ର କିଛି ସେକେଣ୍ଡ ମଧ୍ୟରେ ସମଗ୍ର ସହର ଏକ ବିଶାଳ ଅଗ୍ନିଗୋଳାରେ ପରିଣତ ହୋଇଯାଇଥିଲା ଏବଂ ହଜାର ହଜାର ଲୋକ ତତ୍‌କ୍ଷଣାତ୍ ପ୍ରାଣ ହରାଇଥିଲେ। ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ ନିରୀହ ଶିଶୁ, ମହିଳା ଏବଂ ବୃଦ୍ଧବୃଦ୍ଧା ଥିଲେ ଏବଂ ଯେଉଁମାନେ ସେହି ଭୟାନକ ବିସ୍ଫୋରଣରୁ ଅଳ୍ପକେ ବର୍ତ୍ତିଯାଇଥିଲେ, ସେମାନେ ମଧ୍ୟ ରେଡିଏସନ୍ (ପରମାଣୁ ବିକିରଣ)ର ମରଣାନ୍ତକ ପ୍ରଭାବର ଶିକାର ହୋଇ ଆଜୀବନ ଯନ୍ତ୍ରଣା ଭୋଗ କରିଥିଲେ ଏବଂ ଆଜିର ଏହି ଆଧୁନିକ ଯୁଗରେ ଯେତେବେଳେ ବିଶ୍ୱର ବିଭିନ୍ନ ମହାଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ସାମରିକ ଶକ୍ତି ପ୍ରଦର୍ଶନ ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ରର ଭଣ୍ଡାର ବୃଦ୍ଧି କରିବାରେ ଲାଗିଛନ୍ତି, ସେତେବେଳେ ହିରୋସିମା ଦିବସର ଗୁରୁତ୍ୱ ଆହୁରି ଅଧିକ ବୃଦ୍ଧି ପାଇଛି । କାରଣ ଆଜି ଆମକୁ ବୁଝିବାକୁ ପଡ଼ିବ ଯେ ଯଦି ଆଜି ଆଉ ଏକ ପରମାଣୁ ଯୁଦ୍ଧ ହୁଏ, ତେବେ ଏହା କେବଳ ଗୋଟିଏ କିମ୍ବା ଦୁଇଟି ସହରକୁ ନୁହେଁ ବରଂ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବ ଏବଂ ମାନବ ଜାତିର ସମ୍ପୂର୍ଣ୍ଣ ବିନାଶ ଘଟାଇବ ଯେଉଁଥିପାଇଁ ବିଶ୍ୱର ପ୍ରତ୍ୟେକ ନାଗରିକ ଏବଂ ରାଷ୍ଟ୍ରମୁଖ୍ୟଙ୍କର ଏହା ଏକ ମୌଳିକ ଦାୟିତ୍ୱ ହୋଇପଡ଼ିଛି ଯେ ସେମାନେ ଶାନ୍ତି, ଅହିଂସା ଏବଂ ପରସ୍ପର ମଧ୍ୟରେ ଭ୍ରାତୃତ୍ୱର ବାର୍ତ୍ତା ପ୍ରସାର କରିବା ଏବଂ ବିଶ୍ୱକୁ ପରମାଣୁ ଅସ୍ତ୍ରମୁକ୍ତ କରିବା ପାଇଁ ଏକ ହୋଇ କାର୍ଯ୍ୟ କରିବା ଯାହାଫଳରେ ଭବିଷ୍ୟତର ପିଢ଼ି ଏକ ନିରାପଦ, ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ ପୃଥିବୀରେ ନିଶ୍ୱାସ ନେଇପାରିବେ । ଉପସଂହାର ଭାବରେ, ହିରୋସିମା ଦିବସ କେବଳ ଇତିହାସର ଏକ କଳା ପୃଷ୍ଠାକୁ ମନେ ପକାଇବାର ଦିନ ନୁହେଁ ବରଂ ଏହା ମାନବିକତା ପ୍ରତି ଆମର ଗଭୀର ପ୍ରତିବଦ୍ଧତା ଏବଂ ବିଶ୍ୱ ଶାନ୍ତିର ସ୍ଥାପନ ପାଇଁ ଏକ ଦୃଢ଼ ସଙ୍କଳ୍ପ ନେବାର ପବିତ୍ର ଅବସର ଅଟେ । ଯାହା ଅତୀତର ସେହି ଦାରୁଣ କ୍ଷତକୁ ଆଖିଆଗରେ ରଖି ଆଜିର ମାନବ ସମାଜକୁ ଏକ ଶାନ୍ତିପୂର୍ଣ୍ଣ ଭବିଷ୍ୟତ ଗଠନ ଦିଗରେ ମାର୍ଗଦର୍ଶନ କରିଥାଏ ଏବଂ ଓଡ଼ିଶାର ପବିତ୍ର ମାଟିରୁ ମଧ ଅହିଂସା ଓ ଶାନ୍ତିର ବାର୍ତ୍ତା ସମଗ୍ର ବିଶ୍ୱକୁ ବାରମ୍ବାର ପ୍ରଦାନ କରାଯାଇଛି। ଯାହା ଆମକୁ ଏହି ଶିକ୍ଷା ଦେଇଥାଏ ଯେ ଯୁଦ୍ଧର



ଭୟାବହତାଠାରୁ ଶାନ୍ତିର ମୂଲ୍ୟ ଅଧିକ ଅଟେ ଏବଂ ଆମ ସମସ୍ତଙ୍କର ଏକ ସାମୂହିକ ଦାୟିତ୍ୱ ରହିଛି ଯେ ଆମେ ଯେକୌଣସି ପରିସ୍ଥିତିରେ ବି ଯୁଦ୍ଧକୁ ପ୍ରଶ୍ରୟ ନ ଦେଇ କଥାବାର୍ତ୍ତା ଏବଂ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରିବା, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ନିରୀହ ମଣିଷକୁ ଆଉ କେବେହେଁ କୌଣସି ପରମାଣୁ ବୋମା କିମ୍ବା ଯୁଦ୍ଧର କରାଳଛାୟାର ଶିକାର ହେବାକୁ ପଡ଼ିବ ନାହିଁ ଏବଂ ଧରାପୃଷ୍ଠରେ ମାନବିକତା, ପ୍ରେମ ଏବଂ ସୌହାର୍ଦ୍ଦ୍ୟର ଦୀପ ଜ୍ୱଳିତ ରହିବ, ଯାହା ହିରୋସିମା ଦିବସର ପ୍ରକୃତ ଉଦ୍ଦେଶ୍ୟ ଏବଂ ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଭାବେ ସର୍ବଦା ଅମର ରହିବ। ହିରୋସିମା ଦିବସ କେବଳ ଇତିହାସର ପୃଷ୍ଠାରେ ଘଟିଥିବା ଏକ ଅମାନୁଷିକ ବିପର୍ଯ୍ୟୟର ମର୍ମନ୍ତୁଦ ସ୍ମୃତିଚାରଣ ନୁହେଁ, ବରଂ ଏହା ମାନବ ସଭ୍ୟତାର ବିବେକକୁ ସର୍ବଦା ଜାଗ୍ରତ ରଖିବା ଏବଂ ବିଶ୍ୱର ବିନାଶକାରୀ ଶକ୍ତି ବିରୁଦ୍ଧରେ ଏକ ଦୃଢ଼ ନୈତିକ ପ୍ରତିରୋଧର ସବୁଠାରୁ ଶକ୍ତିଶାଳୀ ମହାମନ୍ତ୍ର ଅଟେ, ଯାହା ଅତୀତର ସେହି କଳା ଧୂଆଁ ଏବଂ ଜଳିଯାଇଥିବା ମାଟିରୁ ଉଠିଥିବା ଆର୍ତ୍ତନାଦକୁ ଆଜିର ମାନବ ସମାଜର କାନରେ ବାରମ୍ବାର ବଜାଇ ଆମକୁ ଏକ ବାସ୍ତବବାଦୀ ଶିକ୍ଷା ଦେଇଥାଏ ଯେ ବୈଜ୍ଞାନିକ ପ୍ରଗତି ଏବଂ ଆଧୁନିକତାର ଅର୍ଥ ମଣିଷକୁ ମାରିବା ପାଇଁ ପରମାଣୁ ଅସ୍ତ୍ରର ବିସ୍ତାର କରିବା ନୁହେଁ ବରଂ ସମଗ୍ର ବିଶ୍ୱର କୋଟି କୋଟି ନିରୀହ ଜୀବନକୁ ସୁରକ୍ଷା ଏବଂ ଶାନ୍ତି ଦେବା ଅଟେ। ଫଳରେ ଆମେ ଆଉ କେବେହେଁ କୌଣସି ଅଜ୍ଞତା କିମ୍ବା ଯୁଦ୍ଧୋନ୍ମାଦନାର ବଶବର୍ତ୍ତୀ ହୋଇ ଧରାପୃଷ୍ଠକୁ ଏକ ବିଶାଳ ଶ୍ମଶାନରେ ପରିଣତ କରିବାର ଭୁଲ୍ କରିବା ନାହିଁ । ଡ଼ିଶାର ପବିତ୍ର ସଂସ୍କୃତି ତଥା କଳିଙ୍ଗର ଅହିଂସା ଓ ବିଶ୍ୱଶାନ୍ତିର ବାର୍ତ୍ତାକୁ ଆଦର୍ଶ ଭାବେ ଗ୍ରହଣ କରି ଆମେ ପ୍ରତ୍ୟେକେ ଏହି ଦୃଢ଼ ସଙ୍କଳ୍ପ ନେବା ଉଚିତ୍ ଯେ ଆମେ ଯୁଦ୍ଧର ସମସ୍ତ ମାଧ୍ୟମକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କଥାବାର୍ତ୍ତା, ପ୍ରେମ ଏବଂ ସହଯୋଗ ମାଧ୍ୟମରେ ବିଶ୍ୱରେ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାରେ ନିଜର ପ୍ରାଣପଣ ଉଦ୍ୟମ ଜାରି ରଖିବା, ଯାହା ଦ୍ୱାରା ଆଗାମୀ ବଂଶଧରମାନେ ଗୋଟିଏ ନିରାପଦ, ସୁନ୍ଦର ଏବଂ ପରମାଣୁ-ମୁକ୍ତ ପୃଥିବୀରେ ମୁକ୍ତ ଭାବରେ ନିଶ୍ୱାସ ନେଇପାରିବେ । ହିରୋସିମାରେ ପ୍ରାଣ ହରାଇଥିବା ସେହି ଅସୁମାରି ନିରୀହ ଆତ୍ମାମାନଙ୍କ ପ୍ରତି ଆମର ଏହାହିଁ ହେବ ସବୁଠାରୁ ପ୍ରକୃତ, ଶ୍ରେଷ୍ଠ ଏବଂ ଗଭୀର ଶ୍ରଦ୍ଧାଞ୍ଜଳି , ଯାହା ସର୍ବଦା ମାନବିକତାର ଦୀପକୁ ଅଲିଭା ରଖିବ। ହିରୋସିମା ସହର ଉପରେ ପକାଯାଇଥିବା ‘ଲିଟଲ୍ ବୟ’ ପରମାଣୁ ବୋମାର ଭୟାବହ ପ୍ରଭାବ କେବଳ ସେହି ସମୟର ବିଧ୍ୱଂସରେ ସୀମିତ ନ ଥିଲା, ବରଂ ଏହା ଆଜି ପର୍ଯ୍ୟନ୍ତ ମାନବଜାତି, ପ୍ରକୃତି ଏବଂ ପୃଥିବୀର ପରିବେଶକୁ ଗଭୀର ଭାବରେ ପ୍ରଭାବିତ କରିଆସୁଛି ଯାହାର ପ୍ରଥମ ଓ ସବୁଠାରୁ ମାର୍ମିକ ପରିଣତି ଥିଲା ତତକ୍ଷଣାତ୍ ପ୍ରାଣହାନି। ଯେଉଁଥିରେ ବିସ୍ଫୋରଣର ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦,୦୦୦ରୁ ଅଧିକ ଲୋକ ଘଟଣାସ୍ଥଳରେ ଜଳିପୋଡ଼ି ଏବଂ ଧ୍ୱଂସସ୍ତୁପତଳେ ଚାପିହୋଇ ମୃତ୍ୟୁବରଣ କରିଥିଲେ । ଏହାର ପ୍ରଚଣ୍ଡ ତାପମାତ୍ରା ଏତେ ଅଧିକ ଥିଲା ଯେ କିଛି ମାଇଲ୍ ଦୂର ପର୍ଯ୍ୟନ୍ତ ମଣିଷ ଶରୀର ପାଉଁଶରେ ପରିଣତ ହୋଇଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ବିକିରଣ ବା ରେଡିଏସନ୍‌ର ମରଣାନ୍ତକ ପ୍ରଭାବ ଯୋଗୁଁ ଆଉ କେତେକ ଲକ୍ଷାଧିକ ଲୋକ କର୍କଟ ରୋଗ, ଚର୍ମ ସମସ୍ୟା, ଅନ୍ଧପଣ ଏବଂ ବିଭିନ୍ନ ଜେନେଟିକ୍ ରୋଗର ଶିକାର ହୋଇଛନ୍ତି । ଫଳରେ ସେତେବେଳେ ଜନ୍ମ ହେଉଥିବା ନବଜାତ ଶିଶୁମାନେ ବିଭିନ୍ନ ଶାରୀରିକ ଏବଂ ମାନସିକ ବିକଳାଙ୍ଗତା ନେଇ ପୃଥିବୀକୁ ଆସିଥିଲେ ଏବଂ ଏହି ଅମାନୁଷିତ ବିପର୍ଯ୍ୟୟ କେବଳ ମନୁଷ୍ୟକୁ ନୁହେଁ ବରଂ ସେହି ଅଞ୍ଚଳର ପରିବେଶ, ଜଳବାୟୁ, ଗଛଲତା ଏବଂ ପ୍ରାକୃତିକ ସମ୍ପଦକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଥିଲା। ଫଳରେ ଦଶନ୍ଧି ଦଶନ୍ଧି ଧରି ସେହି ମାଟିରେ କୌଣସି ଜୀବନ ସୃଷ୍ଟି ହୋଇପାରି ନଥିଲା ଏବଂ ଆଜି ମଧ ଏହି ପ୍ରଭାବର ଭୟ ସମଗ୍ର ବିଶ୍ୱର ବୈଜ୍ଞାନିକ ଓ ରାଷ୍ଟ୍ରମୁଖ୍ୟମାନଙ୍କୁ ଚିନ୍ତାରେ ପକାଇଥାଏ ଯାହା ଆମକୁ ଏହି ସତ୍ୟ ଶିକ୍ଷା ଦେଇଥାଏ ଯେ ପରମାଣୁ ଅସ୍ତ୍ରର ବ୍ୟବହାର କେବଳ ଗୋଟିଏ ଯୁଦ୍ଧକୁ ଜିତାଇ ପାରେ ନାହିଁ ବରଂ ଏହା ଆଗାମୀ ଅନେକ ପିଢ଼ି ଏବଂ ସମଗ୍ର ପୃଥିବୀକୁ ଏକ ଅଭିଶପ୍ତ ନରକରେ ପରିଣତ କରିଦେଇଥାଏ।

ମୋ- ୯୪୩୭୯୯୪୩୭୯

# ୭ ଅଗଷ୍ଟ : ମଣ୍ଡଳ ବିପ୍ଳବ

### ରଣେନ୍ଦ୍ର ପ୍ରତାପ ସ୍ୱାଇଁ

“ଏହି କମିଶନ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ କମିଶନ ଭାବରେ ଜଣାଶୁଣା-ଯାହା ଲୋକପ୍ରିୟ ଭାବରେ ମଣ୍ଡଳ କମିଶନ ନାମରେ ପରିଚିତ । ଏହାର ଅଧ୍ୟକ୍ଷତା ସାଂସଦ ତଥା ସମାଜ ସଂସ୍କାରକ ବି.ପି. ମଣ୍ଡଳ କରିଥିଲେ, ଯାହାଙ୍କୁ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗକୁ ଚିହ୍ନଟ କରିବା ଏବଂ ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ସୁପାରିସ କରିବା ଦାୟିତ୍ୱ ଦିଆଯାଇଥିଲା । କମିଶନ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସଂରକ୍ଷଣ ସୁପାରିସ କରିଥିଲେ । ଏହା ଜାତି ପ୍ରଥା ଏବଂ ଆର୍ଥିକ ଓ ଶିକ୍ଷାଗତ ଅସମାନତାକୁ ବଢ଼ାଇବାରେ ଏହାର ଭୂମିକାର ଏକ ବିସ୍ତୃତ ବିଶ୍ଳେଷଣ ଉପସ୍ଥାପନ କରିଥିଲା ।

ମଣ୍ଡଳ କମିଶନଙ୍କ କାହାଣୀ କେବଳ ଏକ ଆଇନଗତ କିମ୍ବା ପ୍ରଶାସନିକ ସମୟସୀମା ନୁହେଁ-ଏହା ଆଧୁନିକ ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ । ଏହା ଭାରତୀୟ ରାଜନୀତିକୁ ଏକକ-ଦଳୀୟ ପ୍ରାଧାନ୍ୟ ବ୍ୟବସ୍ଥାରୁ ଆଞ୍ଚଳିକ ଦାବି, ମିଳିତ ସରକାର ଏବଂ ନିମ୍ନ ଓ ମଧ୍ୟମ ଜାତିର ସ୍ୱଷ୍ଟ ରାଜନୈତିକ ସଶକ୍ତିକରଣ ଦ୍ୱାରା ପରିଭାଷିତ ଏକ ଯୁଗକୁ ମୌଳିକ ଭାବରେ ପରିବର୍ତ୍ତିତ କରିଥିଲା । ମଣ୍ଡଳ କମିଶନ ଜାନୁୟାରୀ ୧, ୧୯୭୯ ପ୍ରଧାନମନ୍ତ୍ରୀ ମୋରାଜୀ ଦେଶାଇ ବି.ପି.ମଣ୍ଡଳଙ୍କୁ ପଛୁଆ ବର୍ଗ କମିଶନର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିଲେ । ଏହି କମିଶନ ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ କମିଶନ ଭାବରେ ଜଣାଶୁଣା-ଯାହା ଲୋକପ୍ରିୟ ଭାବରେ ମଣ୍ଡଳ କମିଶନ ନାମରେ ପରିଚିତ । ଏହାର ଅଧ୍ୟକ୍ଷତା ସାଂସଦ ତଥା ସମାଜ ସଂସ୍କାରକ ବି.ପି. ମଣ୍ଡଳ କରିଥିଲେ, ଯାହାଙ୍କୁ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗକୁ ଚିହ୍ନଟ କରିବା ଏବଂ ସେମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ସୁପାରିସ କରିବା ଦାୟିତ୍ୱ ଦିଆଯାଇଥିଲା । କମିଶନ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ କଲ୍ୟାଣ ପାଇଁ ସକାରାତ୍ମକ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସଂରକ୍ଷଣ ସୁପାରିସ କରିଥିଲେ । ଏହା ଜାତି ପ୍ରଥା ଏବଂ ଆର୍ଥିକ ଓ ଶିକ୍ଷାଗତ ଅସମାନତାକୁ ବଢ଼ାଇବାରେ ଏହାର ଭୂମିକାର ଏକ ବିସ୍ତୃତ ବିଶ୍ଳେଷଣ ଉପସ୍ଥାପନ କରିଥିଲା ।

ଯେତେବେଳେ କମିଶନ ୧୯୮୦ ରେ ନିଜର ରିପୋର୍ଟ ଦାଖଲ କରିଥିଲେ, ଏହାର ନିଷ୍କର୍ଷ ଆଶ୍ଚର୍ଯ୍ୟଜନକ ଥିଲା । ଏଗାରଟି ସାମାଜିକ, ଆର୍ଥିକ ଏବଂ ଶିକ୍ଷାଗତ ସୂଚକାଙ୍କର ଏକ ଜଟିଳ ମାଟ୍ରିକ୍ସ ବ୍ୟବହାର କରି କମିଶନ ସିଦ୍ଧାନ୍ତ ନେଇଥିଲେ ଯେ ଭାରତର ଜନସଂଖ୍ୟାର ପ୍ରାୟ ୫୨% ଏହି ପଛୁଆ ବର୍ଗର ଅଟନ୍ତି । ସେମାନଙ୍କ ପାଇଁ ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷାରେ ୨୭% ସ୍ଥାନ ସଂରକ୍ଷିତ ରଖିବାକୁ ସୁପାରିସ କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଥିଲା ଯେ ଓବିସି-ଯେଉଁ ଗୋଷ୍ଠୀଗୁଡ଼ିକ ପାରମ୍ପରିକ ଉଚ୍ଚ ଜାତି କିମ୍ବା ପଛୁଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଅଂଶ ନଥିଲେ-ସେମାନେ ଭାରତୀୟ ଜନସଂଖ୍ୟାର ଏକ ବଡ଼ ଭାଗ ଥିଲେ, ତଥାପି ସରକାରୀ ଅନୁଷ୍ଠାନଗୁଡ଼ିକରେ ସେମାନଙ୍କର ପ୍ରତିନିଧିତ୍ୱ ବହୁତ କମ୍ ଥିଲା ।

ପ୍ରାୟ ଏକ ଦଶନ୍ଧି ଧରି, ଏହି ରିପୋର୍ଟ ମୁଖ୍ୟତଃ ଅଛୁଆଁ ହୋଇ ରହିଥିଲା । ଏକ ଐତିହାସିକ ସଫଳତା ୭ ଅଗଷ୍ଟ ୧୯୯୦ ରେ ଆସିଥିଲା, ଯେତେବେଳେ ପ୍ରଧାନମନ୍ତ୍ରୀ ଭି.ପି.ସିଂ ସଂସଦରେ ଘୋଷଣା କରିଥିଲେ ଯେ ତାଙ୍କ ଜାତୀୟ ସମ୍ମୁଖ୍ୟ ସରକାର କେନ୍ଦ୍ର ସରକାରୀ ସେବାରେ ଅନ୍ୟାନ୍ୟ ପଛୁଆ ବର୍ଗ ଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏହି ନିଷ୍ପତ୍ତିର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରି ଭି.ପି. ସିଂ ଘୋଷଣା କରିଥିଲେ: ‘ପ୍ରକୃତରେ, ଏହା ଭାରତ ରତ୍ନ ଡଃ ବି.ଆର୍ ଆମ୍ବେଦକର, ମହାନ ପେରିୟାର ଇ.ଭି. ରାମାସାମୀ ଏବଂ ଡଃ ରାମ ମନୋହର ଲୋହିଆଙ୍କ ସ୍ୱପ୍ନର ସାକାର ଅଟେ ।’ ସେ ୧୩ ଅଗଷ୍ଟ ୧୯୯୦ ରେ ଆନୁଷ୍ଠାନିକ ଭାବେ ଅଫିସ୍ ମେମୋରାଣ୍ଡମ୍ (କାର୍ଯ୍ୟାଳୟ ସ୍ମାରକପତ୍ର) ଜାରି କରିଥିଲେ, ଯାହା ସାରା ଭାରତରେ କୋଟି କୋଟି ଓବିସିଙ୍କ ପାଇଁ ସାମାଜିକ ନ୍ୟାୟ ଏବଂ ରାଜନୈତିକ ସଶକ୍ତିକରଣର ଏକ ନୂତନ ଯୁଗର ସୂତ୍ରପାତ କରିଥିଲା।

୧୯୭୯: ୧୯୭୯ ମସିହା ଜାନୁଆରୀ ୧ ତାରିଖରେ, ମୋରାରଜୀ ଦେଶାଇ ସରକାର ଭାରତର ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ପ୍ରଗତି ପାଇଁ ପଦକ୍ଷେପ ସୁପାରିସ କରିବା ନିମନ୍ତେ ଗଠିତ ଦ୍ୱିତୀୟ ପଛୁଆ ବର୍ଗ କମିଶନର ନେତୃତ୍ୱ ନେବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କୁ ଚୟନ କରିଥିଲେ।

୧୯୮୦: ମଣ୍ଡଳ ଦୁଇ ବର୍ଷ ପରେ, ୧୯୮୦ ମସିହା ଡିସେମ୍ବର ୩୧ ତାରିଖରେ ନିଜର ରିପୋର୍ଟ ଦାଖଲ କରିଥିଲେ, କିନ୍ତୁ ସେତେବେଳକୁ ମୋରାରଜୀ ଦେଶାଇ ସରକାର ଭାଙ୍ଗିଯାଇଥିଲା। କମିଶନଙ୍କ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଭାରତର ଜନସଂଖ୍ୟାର ପ୍ରାୟ ୫୨% ଅନ୍ୟାନ୍ୟ ପଛୁଆ ବର୍ଗ ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ୨୭% ସଂରକ୍ଷଣର ପ୍ରସ୍ତାବ ଦିଆଯାଇଥିଲା।

୧୯୮୦-୧୯୮୯: ଇନ୍ଦିରା ଗାନ୍ଧୀ କ୍ଷମତାକୁ ଆସିଲେ। ତାଙ୍କ ଶାସନ କାଳ ଏବଂ ରାଜୀବ ଗାନ୍ଧୀଙ୍କ ଶାସନ କାଳ ମଧ୍ୟରେ ମଣ୍ଡଳ କମିଶନ ରିପୋର୍ଟ ସମ୍ପୂର୍ଣ୍ଣ ଶୀତଳ ଭଣ୍ଡାରରେ (ଅବହେଳିତ ହୋଇ) ରହିଥିଲା, କାରଣ ସେମାନେ କମିଶନଙ୍କ ସୁପାରିଶଗୁଡ଼ିକୁ ଲାଗୁ କରିବାକୁ ଅନିଚ୍ଛୁକ ଥିଲେ।

୧୯୯୦: ୭ ଅଗଷ୍ଟ ୧୯୯୦ରେ ସଂସଦରେ ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କ ଐତିହାସିକ ଘୋଷଣା ପରେ, କେନ୍ଦ୍ର ସରକାରଙ୍କ ସମସ୍ତ ସ୍ତରର ଚାକିରିରେ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ମଣ୍ଡଳ କମିଶନଙ୍କ ୨୭% ସଂରକ୍ଷଣ ସୁପାରିସକୁ ଲାଗୁ କରିବା ପାଇଁ ଭାରତ ସରକାର ୧୩ ଅଗଷ୍ଟରେ ଏକ ଅଫିସ୍ ମେମୋରାଣ୍ଡମ୍ (କାର୍ଯ୍ୟାଳୟ ସ୍ମାରକପତ୍ର) ଜାରି କରିଥିଲେ। ଏହି ରିପୋର୍ଟର କାର୍ଯ୍ୟକାରିତା ସହିତ, ଓବିସି ବା ଅନ୍ୟାନ୍ୟ ପଛୁଆ ବର୍ଗ ଶବ୍ଦଟି ଭାରତର ସାମାଜିକ ନ୍ୟାୟ ଆନ୍ଦୋଳନର ଶବ୍ଦକୋଷରେ ସ୍ଥାନ ପାଇଥିଲା। ଭି.ପି. ସିଂ ନିଜର ସ୍ୱାଧୀନତା ଦିବସ ଅଭିଭାଷଣରେ ଏହି ନିର୍ଣ୍ଣୟକୁ ଦୋହରାଇବା ସହ ଏହାର ସମର୍ଥନ କରିଥିଲେ ଏବଂ ଏହାକୁ ସାମାଜିକ ନ୍ୟାୟ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ। ତେବେ, ଏହି ପଦକ୍ଷେପ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାପକ ବିରୋଧ ପ୍ରଦର୍ଶନ ସୃଷ୍ଟି କରିଥିଲା, ଯେଉଁଥିରେ ସଂରକ୍ଷଣ ନୀତିର କାର୍ଯ୍ୟକାରିତାକୁ ବିରୋଧ କରୁଥିବା ଛାତ୍ରମାନଙ୍କ ଦ୍ୱାରା ଆତ୍ମାହୁତି ଭଳି ଘଟଣା ମଧ୍ୟ ସାମିଲ ଥିଲା।

୧୯୯୨: ସଂରକ୍ଷଣ ନୀତିର କାର୍ଯ୍ୟକାରିତାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା ଏବଂ ‘ଇନ୍ଦ୍ରା ସାହାନୀ ବନାମ ଭାରତ ସରକାର’ ମାମଲାରେ, କୋର୍ଟ କେତେକ ସର୍ତ୍ତରେ ଓବିସି ମାନଙ୍କ ପାଇଁ ୨୭% ସଂରକ୍ଷଣର ସାମ୍ବିଧାନିକ ବୈଧତାକୁ କାଏମ ରଖିଥିଲେ ।

୧୯୯୦ ମସିହାର ମଣ୍ଡଳ ବିରୋଧୀ ଆନ୍ଦୋଳନ ସମସାମୟିକ ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା, ଯାହା ଦେଶର ନିର୍ବାଚନୀ ଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଥିଲା । ସେପ୍ଟେମ୍ବର ୧୯୯୦ ରେ ଏହି ଆନ୍ଦୋଳନ ତେଜିଥିଲା-ବିଶେଷ କରି ଦେଶବନ୍ଧୁ କଲେଜର ଛାତ୍ର ରାଜୀବ ଗୋସ୍ୱାମୀଙ୍କ ଦୁଃଖଦ ଆତ୍ମାହୁତି ଉଦ୍ୟମ ଏହି ବିକ୍ଷୋଭର ତୀବ୍ରତାକୁ ସାରା ଦେଶର ନଜରକୁ ଆଣିଥିଲା । ଇତିହାସକାର ରାମଚନ୍ଦ୍ର ଗୁହାଙ୍କ ଅନୁସାରେ, ସେହି ସମୟ ମଧ୍ୟରେ ପ୍ରାୟ ୨୦୦ଟି ଏଭଳି ଆତ୍ମାହୁତି ଉଦ୍ୟମ ହୋଇଥିଲା, ଯେଉଁଥିରେ ୬୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା ।

ଏହି ‘ମଣ୍ଡଳ ମୁହୂର୍ତ୍ତ’ ଉତ୍ତର ଭାରତର ଭୋଟରମାନଙ୍କୁ ଜାତି ଆଧାରରେ ସମ୍ପୂର୍ଣ୍ଣ ଭାବେ ବିଭାଜିତ କରିଦେଇଥିଲା, ଯାହା ପ୍ରଭାବଶାଳୀ ଏବଂ ଜାତି-ଭିତ୍ତିକ ଆଞ୍ଚଳିକ ଦଳଗୁଡ଼ିକର ଅଭ୍ୟୁଦୟ ପାଇଁ ବାଟ ଫିଟାଇଥିଲା । ଏହି ପରିବର୍ତ୍ତନରୁ ସବୁଠାରୁ ଅଧିକ ଲାଭବାନ ହୋଇଥିବା ଦୁଇଜଣ ପ୍ରମୁଖ ନେତା ଥିଲେ ଲାଲୁ ଯାଦବ ଏବଂ ମୁଲାୟମ ସିଂ ଯାଦବ; ଏହି ଦୁହେଁ ନିଜକୁ ଦୀର୍ଘ ଦିନ ଧରି ସମାଜବାଦୀ ନେତା ଭାବେ ପ୍ରତିଷ୍ଠିତ କରିଥିଲେ, ଯାହାଙ୍କ ରାଜନୀତି ରାମ ମନୋହର ଲୋହିଆଙ୍କ ଆଦର୍ଶ ଉପରେ ଗଭୀର ଭାବେ ଆଧାରିତ ଥିଲା ।

ଯାଦବମାନଙ୍କ ବ୍ୟତୀତ, ପରିଚୟ ଭିତ୍ତିକ ରାଜନୀତିର ଏହି ଯୁଗ ମାୟାବତୀଙ୍କ ଭଳି ନେତାମାନଙ୍କ ପାଇଁ ମଧ୍ୟ ରାସ୍ତା ସହଜ କରିଦେଇଥିଲା । ୧୯୯୫ ମସିହାରେ, ଉତ୍ତର ପ୍ରଦେଶରେ ତାଙ୍କର ବିଜୟ ତାଙ୍କୁ ଭାରତର ପ୍ରଥମ ମହିଳା ଅନୁସୂଚିତ ଜାତିର ମୁଖ୍ୟମନ୍ତ୍ରୀ କରାଇଥିଲା, ଯାହା ଦଳିତ ରାଜନୈତିକ ସ୍ୱର ପାଇଁ ଏକ ବଡ଼ ସଫଳତାର ସଂକେତ ଥିଲା ।

ଶେଷରେ, ମଣ୍ଡଳ କମିଶନଙ୍କ କାହାଣୀ ହେଉଛି ନିଜର ଗଣତାନ୍ତ୍ରିକ ଆଦର୍ଶ ଏବଂ ସାମାଜିକ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଭାରତରେ ଚାଲିଥିବା ପ୍ରୟାସର ଏକ କାହାଣୀ । ଏହା କଦାପି ଐତିହାସିକ ଅସମାନତାର ଏକ ତତ୍କାଳୀନ ସମାଧାନ ନଥିଲା, ବରଂ ଶତାବ୍ଦୀ ଧରି ଦେଶକୁ ପରିଭାଷିତ କରିଆସିଥିବା ବାସନ୍ଦ ବା ବାଦ୍ ପଡ଼ିବାର ଚକ୍ରକୁ ଭାଙ୍ଗିବା ପାଇଁ ଡିଜାଇନ କରାଯାଇଥିବା ଏକ ସାଙ୍ଗଠନିକ ବ୍ୟବସ୍ଥା ଥିଲା ।

**ବିଧାୟକ, ଆଠଗଡ**

## ମାଗଣା ପରଳ ଓ ଚକ୍ଷୁ ଚିକିତ୍ସା ଶିବିର

ରମ୍ଭା,୫ ।୮ (ନିପ୍ର): ସ୍ଥାନୀୟ ସହରର ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୩୯ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୦୯ ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟ କୁ ପଠାଯାଇଛି। ସହ-ସଂଯୋଜକ ରମ୍ଭାର ରବି ନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ, ସମାଜସେବୀ ସତ୍ୟ ନାରାୟଣ ଆଚରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଏହି ଶିବିରରେ ଉମାକାନ୍ତ ସାହୁ ଏବଂ ଚିକିତ୍ସାଳୟର ଟିମ୍ ମ୍ୟାନେଜର ନଳିନୀ କାନ୍ତ ରାଉତ ଏବଂ ତାଙ୍କର ସହଯୋଗୀ କର୍ମଚାରୀ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ବିଜ୍ଞାନ ମେଳା

ନିରାକାରପୁର,୫ ।୮ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳ ଷ୍ଟେସନ ସ୍ଥିତ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳା ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ଡେଲାଙ୍ଗ କଲେଜ ମହାବିଦ୍ୟାଳୟର ଗଣିତ ବିଭାଗ ଅଧ୍ୟାପକ ଜିତେନ୍ଦ୍ର କୁମାର ମଲ୍ଲିକ ଏବଂ କଣାସ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଉମାକାନ୍ତ ସାମନ୍ତସିଂହାର ଅତିଥି ଭାବେ ଯୋଗଦେଇ ନିଜ କରକମଳରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ ଓ ପରୀକ୍ଷଣ କରି ତାହାର ସଠିକ୍ ମୂଲ୍ୟାୟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଅନୁସୂୟା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ସମ୍ପାଦକ ଅଜୟ କୁମାର ପାଇକରାୟ ଶିଶୁମାନଙ୍କୁ ମାର୍ଗଦର୍ଶନ କରିବା ସହ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ବିଶ୍ୱନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷ୍ଣପ୍ରସାଦ ବିଜେପିର କର୍ମୀ ସମ୍ମିଳନୀ

କୃଷ୍ଣପ୍ରସାଦ,୫ ।୮ (ନିପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ମଣ୍ଡଳ ବିଜେପିର ସମସ୍ତ ମଣ୍ଡଳ ପଦାଧିକାରୀ, ଯୁବ ମୋର୍ଚ୍ଚା ସମସ୍ତ ପଦାଧିକାରୀ, ମହିଳା ମୋର୍ଚ୍ଚା ସମସ୍ତ ପଦାଧିକାରୀମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାରୁ ମଣ୍ଡଳ ପ୍ରଭାରୀ ସୁଜ୍ଞାନୀ କୁମାର ପ୍ରଧାନ ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ସଶକ୍ତ କରିବା ଦିଗରେ ଆଲୋଚନା ହୋଇଥିଲା । ୩୫ ମୌଜା ପଣାଯାତ୍ରା ପଡ଼ିଆ ଠାରେ ସମସ୍ତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ସାଙ୍ଗଠନିକ ସମୀକ୍ଷା କରିଥିଲେ । ବିଶେଷ କରି ଅଗଷ୍ଟ ୬ ତାରିଖରୁ ଅଗଷ୍ଟ ୩୦ତାରିଖ ପର୍ଯ୍ୟନ୍ତ ରାଜ୍ୟ ବିଜେପି ସଭାପତିଙ୍କ ଆହ୍ୱାନ କ୍ରମେ ମଣ୍ଡଳ ସ୍ତରରେ ତ୍ରିରଙ୍ଗା ଯାତ୍ରା, ହରଘର ତ୍ରିରଙ୍ଗା, ସନ୍ଥଶିରୋମଣି ରବି ଦାସଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ କଳସ ଯାତ୍ରା, ଦୀପ ପ୍ରଜ୍ୱଳନ, ଗାଁକୁ ଚାଲ ଅଭିଯାନ ଆଦି ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନିମନ୍ତେ ସ୍ଥିର ହୋଇଥିଲା ।

## ଭାପୁର ବ୍ଲକ ଆତ୍ମା କମିଟିରେ ଅନିୟମିତତା ଅଭିଯୋଗ

ଭାପୁର,୫ ।୮ (ନିପ୍ର): ନୟାଗଡ଼ ଜିଲ୍ଲା ଆତ୍ମା କମିଟି ଗଠନରେ ଅନିୟମିତତା ହୋଇଥିବା ନେଇ ଭାପୁର ବ୍ଲକ ଅଧ୍ୟକ୍ଷା ଉଚ୍ଚନ୍ୟାୟଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୮ ଡ଼ିସିମିଲ ଜମି ଥିବା ବ୍ୟକ୍ତିଙ୍କୁ ଭାପୁର ବ୍ଲକ ଆତ୍ମା କମିଟିର ଅଧ୍ୟକ୍ଷ କରାଯିବାକୁ ନେଇ ଅଧ୍ୟକ୍ଷା ପ୍ରଶ୍ନ ଉଠାଇଛନ୍ତି । ଭାପୁର ବ୍ଲକରେ କିଛି ମାସ ତଳେ ଆତ୍ମା କମିଟି ଗଠନ କରାଯାଇଛି କିନ୍ତୁ,ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷାଙ୍କୁ କୌଣସି ଅବଗତ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଦୁଇ ଜଣ ସମିତି ସଭ୍ୟଙ୍କୁ ଅଧ୍ୟକ୍ଷ ରୂପେ ମନୋନୀତ କରିବାକୁ ସରକାରୀ ନିୟମ ରହିଥିବାବେଳେ ବ୍ଲକ ପ୍ରଶାସନ ଏହାକୁ ୨୦୧୯ ଗାଇଡ଼ ଲାଇନକୁ ଉଲ୍ଲଙ୍ଘନ କରିଥିବା ନେଇ ଭାପୁର ବ୍ଲକ ଅଧ୍ୟକ୍ଷା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ଏବଂ ଉଚ୍ଚ ନ୍ୟାୟାଳୟ ମାମଲାକୁ ଗ୍ରହଣ କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିବା ସୂଚନା ମିଳିଛି। ଭାପୁର ବ୍ଲକ ପ୍ରଶାସନ ଜାଣିଶୁଣି ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିବା ବେଳେ ଏହା ପଛରେ ଦୁର୍ନୀତିଗ୍ରସ୍ତ ନେତାଙ୍କ ହାତ ରହିଥିବା ନେଇ ଅଭିଯୋଗ ହୋଇଛି।

## 'ତୃଣମୂଳ ସ୍ତରରେ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର

ଦାମନଯୋଡି/ସୁନାବେଡ଼ା,୫/୮(ନିପ୍ର): ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଓଡ଼ିଶା ସାମ୍ବାଦିକତା ଦିବସ ପାଳନ କରାଯାଇଛି । ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ସୌରଭ ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ନୀଳାମ୍ବର ରଥ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗଣ ଯୋଗାଯୋଗ ବିଭାଗର ପ୍ରଫେସର ଗଣେଶ ସେଠୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଆଜିର ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଏବଂ ସାମାଜିକ ଗଣମାଧ୍ୟମ ଯୁଗରେ 'ତୃଣମୂଳ ସ୍ତରରେ ସାମ୍ବାଦିକତା' ଶୀର୍ଷକ କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପାଖାପାଖି ୬୦ ଜଣ ସାମ୍ବାଦିକ ଏବଂ ସେହି ବିଷୟ ଅଧ୍ୟୟନ କରୁଥିବା ବହୁ ଛାତ୍ରଛାତ୍ରୀ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ମାନେ ନିଜର ଅନୁଭୂତି ଉପସ୍ଥାପନ କରିଥିବା ବେଳେ ଛାତ୍ରଛାତ୍ରୀ ମାନେ କିଭଳି ଏହାକୁ ପେସା ଭାବରେ ଗ୍ରହଣ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ, ଅତିଥିମାନେ ସେ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ।

# କେନ୍ଦୁଝରରେ ବନ୍ୟା କ୍ଷୟକ୍ଷତି ଆକଳନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

କେନ୍ଦୁଝର,୫ ।୮ (ନିପ୍ର): ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି କେନ୍ଦୁଝର ସର୍କିଟ ହାଉସଠାରେ ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଓ ପୁନଃରୁଦ୍ଧାର ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି। ଏହି ବୈଠକରେ ସାମ୍ପ୍ରତିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଏବଂ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ବୈଠକରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ଶ୍ରୀମତୀ ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୱାରୀ ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ପୋଲ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଭିତ୍ତିଭୂମି, କୃଷି ଜନିତ କ୍ଷୟକ୍ଷତି ଏବଂ ଜଙ୍ଗଲ ଅଞ୍ଚଳର ସମୀକ୍ଷା କରାଯାଇଥିଲା। ପ୍ରଭାବିତ ଅଞ୍ଚଳରେ ରାସ୍ତା ସଂଯୋଗକରଣରେ ପୁନରୁଦ୍ଧାର, ଜଳ ଯୋଗାଣ ବ୍ୟବସ୍ଥାର ମରାମତି, ଜରୁରୀକାଳୀନ ମୁକାବିଲା ଦଳ ମୁତୟନ, ରିଲିଫ୍ ବଣ୍ଟନ



ଏବଂ ଅନ୍ୟାନ୍ୟ ପ୍ରଶମନ ମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ସମସ୍ତ ବିଭାଗର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହ, ଜରୁରୀକାଳୀନ ସେବାଗୁଡ଼ିକର ଅବ୍ୟାହତ ଯୋଗାଣ ନିଶ୍ଚିତ କରିବାକୁ, ନିବିଡ଼ ସମନ୍ୱୟ ରକ୍ଷା କରିବାକୁ ଏବଂ ଆଗାମୀ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ତୁରନ୍ତ ପଦକ୍ଷେପ ନେବା, ନିରନ୍ତର ନଜର ରଖିବା ଏବଂ ପ୍ରଭାବିତ ଲୋକଙ୍କୁ ସଠିକ୍ ସମୟରେ ସହାୟତା ଯୋଗାଇଦେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଥିଲେ।

## ରୋହିଙ୍ଗ୍ୟା ମୁସଲିମ ଫେରିବାଲା ଓ ମିସ୍ତ୍ରୀଙ୍କୁ ଚିହ୍ନଟ କରି ବିଦା କରାଯିବା ନେଇ ଦାବି

ରେଢ଼ାଖୋଲ,୫ ।୮(ନିପ୍ର):ରେଢ଼ାଖୋଲ ଅଞ୍ଚଳରେ ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ ପ୍ରଶ୍ନ ଚିହ୍ନ । ବଢ଼ିବାରେ ଲାଗିଛି ବାହାର ଅନୁପ୍ରବେଶକାରୀଙ୍କ ସଂଖ୍ୟା । ବିଭିନ୍ନ ଆଳରେ ବର୍ଷ ବର୍ଷ ରହି ରେଢ଼ାଖୋଲ ଅଞ୍ଚଳରେ କରୁଛନ୍ତି ଜୁଲୁମ୍ । କେତେବେଳେ ଓଡ଼ିଆ ଶ୍ରମିକଙ୍କୁ ମାଡ଼ ମାରୁଛନ୍ତି ତ କେତେବେଳେ ତଣ୍ଟି କାଟୁଥିବା ଘଟଣା ସାମ୍ନାକୁ ଆସିଛି । ଗୋଟେପଟେ ବାହାର ରାଜ୍ୟର ଠିକାଦାର ଓ ମିସ୍ତ୍ରୀ ଦ୍ୱାରା ସ୍ଥାନୀୟ ଶ୍ରମିକଙ୍କ ଉପରେ ଘାତକ ଆକ୍ରମଣ, ଆଉ ଅନ୍ୟପଟେ ଅଞ୍ଚଳରେ ବଢୁଥିବା ବାହାର ରାଜ୍ୟର ଅନୁପ୍ରବେଶକାରୀ। ଗତ ଶନିବାର ରାତିରେ ସଂଘବଦ୍ଧ ଭାବରେ ବଙ୍ଗାଳୀ ମିସ୍ତ୍ରୀ ମାନେ ସାମାନ୍ୟ ବଚସାକୁ ନେଇ ଜଣେ ସ୍ଥାନୀୟ ଶ୍ରମିକ ଟୁନା ମହାରର ତଣ୍ଟିକୁ କାଟି ହତ୍ୟା ଉଦ୍ୟମ କରିଥିଲେ। ଝାରଖଣ୍ଡ ଓ ବାଂଲାଦେଶରୁ ଅନୁପ୍ରବେଶକାରୀମାନେ ଆସି ସ୍ଥାନୀୟ ଜଙ୍ଗଲ ସଫାକରି ରହି ଏଠାରେ ନିଜ କାୟା ବିସ୍ତାର କରିବାରେ ଲାଗିଛନ୍ତି । କେତେକ ବଙ୍ଗାଳୀ ରୋହିଙ୍ଗ୍ୟା ମୁସଲିମ ଫେରିବାଲା, ରାଜମିସ୍ତ୍ରୀ କାମ କରି ଗାଁ ଗାଁ ବୁଲି ଦିନବେଳା ବେପାର କରୁଥିବା ବେଳେ ରାତି ହେଲେ ଚୋରି କରୁଛନ୍ତି। ରାଜମିସ୍ତ୍ରୀ ପାଖରେ ଶ୍ରମିକ ଭାବରେ କାମ କରୁଥିବା ସ୍ଥାନୀୟ ମହିଳା ଓ ଝିଅଙ୍କୁ ପ୍ରେମ ଜାଲରେ ଫସାଇ ଲଭ୍ ଜିହାଦ କରୁଛନ୍ତି । ଏବଂ ତାଙ୍କ ଠାରୁ ସନ୍ତାନ ଜନ୍ମ ହେଲା ପରେ ଛାଡି ଚାଲିଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ତେଣୁ ତାର ତଦନ୍ତ କରାଯାଉ। ଏବଂ ରାସନକାର୍ଡ, ଭୋଟରକାର୍ଡ ଆଦି ହାତେଇବା ପରେ ବିଭିନ୍ନ ସରକାରୀ ଯୋଜନାର ଫାଇଦା ନେଉଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରି ତଡିପାର କରାଯାଉ । ରେଢ଼ାଖୋଲ ଉପଖଣ୍ଡ ଓ ସହରରେ ବାହାର ଲୋକଙ୍କୁ ଘର ଭଡା ଦେଉଥିବା ଘରମାଲିକଙ୍କ ଠାରୁ ସମ୍ପୂର୍ଣ୍ଣ ସୂଚନା ଅଣାଯାଉ। ବୋଲି ଆଜି ଏକ ପ୍ରେସ୍ ବିବୃତି ରେ ବିଜେପି ବିଧାନସଭା ଗଣମାଧ୍ୟମ ସଂଯୋଜକ ଅନିଲ ପୃଷ୍ଟି ପ୍ରଶାସନ ପାଖରେ ଦାବି କରିଛନ୍ତି।

# ୮ରେ କେନ୍ଦ୍ରୀୟ ବିଦ୍ୟାଳୟର ଭୂମି ପୂଜନ କରିବେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

ରେଢ଼ାଖୋଲ,୫ ।୮ (ନିପ୍ର); ରେଢ଼ାଖୋଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା ହେବା ପରେ ବର୍ତ୍ତମାନ ନାମ ଲେଖା ପ୍ରକ୍ରିୟା ଜାରି ରହିଛି ।

ଆସନ୍ତା ୧୭ତାରିଖ ଠାରୁ ପାଠ ପଢା ଆରମ୍ଭ ହେବ। ଏହି ଅବସରରେ ଆସନ୍ତା ୮ ତାରିଖ ଶନିବାର ଦିନ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢ଼ାଖୋଲ ଗସ୍ତ କରି ପ୍ରଥମେ ସକାଳ ୮ଟା ସମୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ କରିବା ସହ ୦୯ ଘଟିକାରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ୯:୩୦ ଘଟିକା ରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇଥିବା ସ୍ଥାୟୀ ଜାଗାରେ ଭୂମି ପୂଜନ କରିବେ ଏବଂ ଭୀମ ଭୋଇ ମହାବିଦ୍ୟାଳୟର ପୁରୁଣା ବ୍ଲକଠାରେ ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ କରିବା ସହ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଂଧ୍ୟାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱ ରାଜବାଟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ କାର୍ଯ୍ୟକ୍ରମକୁ କିଭଳି ଭାବରେ ସଫଳ କରିବା ସହ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆଲୋଚନା କରା ଯାଇଥିଲା। ବୈଠକ ରେ ଜିଲ୍ଲା ଉପ ସଭାପତି ବିଚିତ୍ରା ନନ୍ଦ ସାହୁ, ପ୍ରମୋଦ ସାହୁ , ନଗର ସଭାପତି ସୁଷମା ମୁଣ୍ଡା, ନାକଟିଦେଉଳ ସଭାପତି ଦିଲୀପ ପ୍ରଧାନ , ଭୀମ ଭୋଇ ମଣ୍ଡଳ ସଭାପତି ଶାନ୍ତନୁ ବାରିକ, ଚାରମାଲ ମଣ୍ଡଳ ସଭାପତି ଧରଣୀଧର ସାହୁ , ମହିଳା ମୋର୍ଚ୍ଚା ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠରୁ ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ବୌଦ୍ଧ ଜିଲ୍ଲାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ,୫ ।୮(ନିପ୍ର): ବୌଦ୍ଧ ଜିଲ୍ଲା ସଦର ମହକୁମାସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା ଯୁଗ୍ମ ଭାବରେ ଏହି ଶିବିରରେ ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ଶୁଣାଣି ଓ ସମାଧାନ କରିଥିଲେ । ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୦ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୨୨ଟିର ତୁରନ୍ତ ସମାଧାନ କରାଯାଇଥିଲା। ଏଥିସହ ରେଡ଼କ୍ରସ ପାଣ୍ଠିରୁ ୫ ଜଣ ଅସହାୟଙ୍କୁ ୧୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି । ଜିଲ୍ଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଗ୍ରାମ, ସହର, ବସତିରେ ପାନୀୟ ଜଳ ଯୋଗାଣ, ରାସ୍ତା ମରାମତି ଓ ଜଳବନ୍ଦୀ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମୟାନୁବର୍ତ୍ତିତା ସହିତ ସମର୍ପିତ ଭାବରେ ଜନସାଧାରଣଙ୍କୁ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସେ ସମସ୍ତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ରଶ୍ମିରେଖା ନାୟକ, ଅତିରିକ୍ତ ତହସିଲଦାର ମହମ୍ମଦ ରଜାଏ ରସୁଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ
## ଦାବି ଓ ଆପତ୍ତି ଦାଖଲ ସମୟସୀମା ଅଗଷ୍ଟ ୧୯ ପର୍ଯ୍ୟନ୍ତ ବୃଦ୍ଧି

ବୌଦ୍ଧ,୫ ।୮(ନିପ୍ର): ଭାରତ ନିର୍ବାଚନ ଆୟୋଗ ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ସଂଶୋଧିତ ସମୟସୂଚୀ ପ୍ରକାଶ କରିଛନ୍ତି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧକ୍ରମେ ଭୋଟରମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସମୟସୀମା ବୃଦ୍ଧି କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଭୋଟର ତାଲିକାରେ ନାମ ଯୋଡିବା, କାଟିବା, ସଂଶୋଧନ ଓ ସ୍ଥାନାନ୍ତର ସମ୍ବନ୍ଧୀୟ ଦାବି ଓ ଆପତ୍ତି ଦାଖଲ ୦୫ ଜୁଲାଇରୁ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ କରାଯାଇ ପାରିବ। ସେହିପରି, ଦାବି ଓ ଆପତ୍ତିର ଶୁଣାଣି ଏବଂ ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ୩ ଅଗଷ୍ଟ ୨୦୨୬ ସକାଳ ୧୦ଟା ସୁଦ୍ଧା ବୌଦ୍ଧ ଜିଲ୍ଲାରେ ନୋଟିସ ବିତରଣ କାର୍ଯ୍ୟ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ୮୫-କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦,୦୩୨ଟି ନୋଟିସ ମଧ୍ୟରୁ ୧୮,୭୦୭ଟି ଏବଂ ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦,୪୬୮ଟି ନୋଟିସ ମଧ୍ୟରୁ ୨୦,୧୧୪ଟି ନୋଟିସ ସଫଳତାର ସହ ବିତରଣ କରାଯାଇଛି। ସେହିପରି, ଏପର୍ଯ୍ୟନ୍ତ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ୪,୭୬୪ଟି ଏବଂ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀରେ ୬,୭୧୬ଟି ଦାବି ଓ ଆପତ୍ତିର ଶୁଣାଣି ସମ୍ପନ୍ନ ହୋଇଛି। ଦାବି ଓ ଆପତ୍ତି ଦାଖଲ ସମୟସୀମା ବୃଦ୍ଧି ପାଇଥିବାରୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଆବେଦନ କରିପାରି ନାହାନ୍ତି, ସେମାନଙ୍କୁ ଆଉ ଚିନ୍ତିତ ନହୋଇ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର ଦାବି ଓ ଆପତ୍ତି ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଦାବି ଓ ଆପତ୍ତିର ଶୀଘ୍ର ନିଷ୍ପତ୍ତି ପାଇଁ ବୌଦ୍ଧ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟରତ ୧୧ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସହ ଅତିରିକ୍ତ ୧୨ ଜଣ ଏଇଆରଓଙ୍କୁ ନିଯୁକ୍ତ କରାଯାଇଛି। ଏହାଦ୍ୱାରା ଯାଞ୍ଚ ପ୍ରକ୍ରିୟାର ପ୍ରଭାବଶାଳୀ ତଦାରଖ, ଉତ୍ତମ ସମନ୍ୱୟ ଏବଂ ସମୟବଦ୍ଧ ନିଷ୍ପତ୍ତି ସୁନିଶ୍ଚିତ ହେବ। ଭାରତ ନିର୍ବାଚନ ଆୟୋଗ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସହିତ ବୌଦ୍ଧ ଜିଲ୍ଲା ପ୍ରଶାସନଙ୍କ ଲକ୍ଷ୍ୟ ହେଉଛି ଏକ ସଠିକ୍, ସ୍ୱଚ୍ଛ, ଅନ୍ତର୍ଭୁକ୍ତିମୂଳକ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା। ଏହି ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସମସ୍ତ ଯୋଗ୍ୟ ଭୋଟରଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା କାମନା କରିଛନ୍ତି।

## ସ୍ୱାଧୀନତା ଦିବସ ଉପଲକ୍ଷେ ଯୋଗାସନ ପ୍ରତିଯୋଗିତା

ବୌଦ୍ଧ,୫ ।୮ (ନିପ୍ର): ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ମହାନଦୀ ଆଳତି ଘାଟରେ ବୌଦ୍ଧ ପୌର ପରିଷଦ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।ଯୋଗର ଉପାଦେୟତା ଉପରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ଯୋଗାଚାର୍ଯ୍ୟ ସୁବ୍ରତଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଆଇ.ପି, ଆନନ୍ଦ ବେହେରା ଆଲୋକପାତ କରିଥିଲେ । ବିଚାରକ ଭାବେ ସ୍ନେହଲତା ପୁରୋହିତ, ହୃଷୀକେଶ ପ୍ରଧାନ, ରଞ୍ଜିତା ମିଶ୍ର, ସୁଶାନ୍ତ ମହାପାତ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା, ଲଳିତା ଅଗ୍ରୱାଲା, ତପନ ନାୟକ, ଗୀତାଞ୍ଜଳି ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ ।

# ବର୍ଷାଋତୁ ଆସିଲେ 'ଗୟାପଥର ଡ୍ୟାମ୍' ମାଛର ଚାହିଦା ବଢ଼େ

ଭାପୁର,୫ ।୮ (ନିପ୍ର): ନୟାଗଡ଼ ଜିଲ୍ଲାର ବିଭିନ୍ନ ଜଳଭଣ୍ଡାର ତୁଳନାରେ ଭାପୁର ବ୍ଲକ କଇଁଫୁଲିଆ ପଞ୍ଚାୟତ ଗୋସିଂହ ପାହାଡ଼ ପାଦ ଦେଶରେ ଅବସ୍ଥିତ ଗୟାପଥର ଡ୍ୟାମର ମାଛ ଚାହିଦା ଅଧିକ ରହିଥାଏ। ବର୍ତ୍ତମାନ ତାର ଅସ୍ତିତ୍ୱ ହରେଇବାକୁ ବସିଥିଲେ ମଧ୍ୟ ସେ ଡ୍ୟାମ ର ମଧୁର ମାଛ ଏବେବି ଲୋକଙ୍କର ଚାହିଦା ରହିଛି । କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ୧୯୮୦ ମସିହାରେ ଏହି ଡ୍ୟାମ ନିର୍ମାଣ ପାଇଁ ପରିକଳ୍ପନା କରାଯାଇ ୪୫୦ ଏକର ପରିମିତ ଜମିରେ କାର୍ଯ୍ୟ ଆରମ୍ଭ ହୋଇଥିଲା।୧୯୮୨ ମସିହା ମରୁଡି ପରିସ୍ଥିତିରେ ଫସଲ ହାନି ପାଇଁ ଏହି ଡ୍ୟାମ ପରିକଳ୍ପନା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା ଏବଂ ୧୯୮୪ ମସିହାରେ ଡ୍ୟାମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।ଜନସାଧାରଣ ଦୈନିକ ମଜୁରୀ ୨ ଟଙ୍କାରେ ମୁଣ୍ଡର ଝାଳ ତୁଣ୍ଡରେ ମାରି ନିର୍ମାଣ କରିଥିବା ଡ୍ୟାମ ପ୍ରଶାସନିକ ଅବହେଳାରୁ ଏହା ଅସ୍ତିତ୍ୱ ହରେଇବାକୁ ବସିଲାଣି ।ଡ୍ୟାମର ଗୋଟିଏ ପଟରୁ ଗୋପୀନାଥପୁର, ବରପୁଟ, ରାକମା ଅଞ୍ଚଳ ଏବଂ ଅନ୍ୟ ଏକ ଗେଟରୁ ଜହରକୋଟ,କିସ୍ମତ କେନ୍ଦୁପଲ୍ଲୀ ଏବଂ ଦୁଆଡ଼ିଆ ଗ୍ରାମ୍ୟ ଅଞ୍ଚଳ କୁ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଥିଲା। ବର୍ଷା ଋତୁ ଆସିଲେ ଗୟାପଥର ଡ୍ୟାମର ମାଛ ଲୋକମାନଙ୍କର ଚାହିଦା ବଢିଥାଏ। ଏହି ଡ୍ୟାମର ମାଛ ସ୍ୱାଦିଷ୍ଟ



ପାଇଁ ସ୍ୱତନ୍ତ୍ରତା ରହିଥାଏ। ବର୍ଷ ର ଅନ୍ୟ ଦିନମାନଙ୍କରେ ମାଛ ଧରା ଯାଉଥିଲେ ମଧ୍ୟ ତାହା ନିଅଣ୍ଟିଆ ହୋଇଥାଏ କିନ୍ତୁ,ବର୍ଷା ଋତୁ ଆସିଲେ ଜଳଭଣ୍ଡାରରୁ ବହୁଳ ଭାବରେ ମାଛ ଧରା ଯାଇଥାଏ। ଜଳ ଭଣ୍ଡାରକୁ ବାହାର ପାଣି ପ୍ରବେଶ କରିବା ଦ୍ୱାରା ପାଣି ଗୋଳିଆ ହୋଇଯାଏ ଯାହାଫଳରେ ବଡ଼ ବଡ଼ ମାଛ ସହଜ ରେ ଧରା ପଡିଥାନ୍ତି। ଫଳରେ, ଅନେକ ଜନସାଧାରଣ ଙ୍କ ଜୀବିକା ସହ ଜଡିତ ରହିଛି ଏହି ଡ୍ୟାମ।

ଏହି ଡ୍ୟାମ ରୁ ୨/୩ କେଜି ରୁ ଉର୍ଦ୍ଧ୍ୱ ଓଜନ ର ମାଛ ଧରା ଯାଇଥାଏ ଏବଂ ଏହାର ଦାମ ମଧ୍ୟ ସାଧାରଣ ମାଛ ମୂଲ୍ୟ ଠାରୁ ଅଧିକ ରହିଥାଏ ।ଭାପୁର ଅଞ୍ଚଳ ର ଏହି ଡ୍ୟାମ ପ୍ରଶାସନିକ ଅବହେଳା ଏବଂ ରାଜନେତା ଙ୍କ ଅନିଚ୍ଛାକୃତି ପାଇଁ ଅସ୍ତିତ୍ୱ ହରେଇବାକୁ ବସିଛି ତେଣୁ,ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମନ୍ଦିର ନିକଟରେ ମଦ ଦୋକାନ ଖୋଲିବା ଘଟଣା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦର ୬ ଘଣ୍ଟିଆ ବନ୍ଦ ଡାକରା

ଜଟଣୀ,୫ ।୮(ନିପ୍ର): ଜଟଣୀ ସହରରେ ପ୍ରାୟ ଏକ ମାସ ହେବ ଦୁଇଟି ପ୍ରମୁଖ ସ୍ଥାନରେ ବେଆଇନ ଭାବେ ଖୋଲାଯାଇଥିବା ମଦ ଦୋକାନ ଦୁଇଟି ସ୍ଥାନାନ୍ତରିତ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ ଜନତାଙ୍କ ଭାବନା ସହିତ ଖେଳି ଟାଳଟୁଳ ନୀତି ଅବଲମ୍ବନକୁ ନେଇ ସାଧାରଣରେ ଅସନ୍ତୋଷର ନିଆଁ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୀତାରାମ ଛକ ଶିବ ମନ୍ଦିର ନିକଟରେ ଠିପି ବନ୍ଦ ମଦ ଦୋକାନ ବନ୍ଦ ଦାବିରେ ବିଶ୍ୱହିନ୍ଦୁ ପରିଷଦ ଜଟଣୀ ପ୍ରଖଣ୍ଡ ପକ୍ଷରୁ ମଙ୍ଗଳବାର ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ପାଳନକୁ ସହରବାସୀ, ବିଭିନ୍ନ ବଜାର କମିଟି, ବ୍ୟବସାୟୀଙ୍କ ବିପୁଳ ସମର୍ଥନ କରିଥିଲେ ।

ସମସ୍ତ ଦୋକାନୀ ବଡ ବ୍ୟବସାୟ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ମାନେ ସ୍ୱତଃ ପ୍ରବୃତ୍ତ ଭାବେ ନିଜ ନିଜର ପ୍ରତିଷ୍ଠାନ ବନ୍ଦ ରଖି ସମର୍ଥନ ଦେଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବିଏଚପିର ଜଟଣୀ ପ୍ରଖଣ୍ଡ ସଭାପତି ରମେଶ କୁମାର ଦାସ, ଜଟଣୀ ସୁରକ୍ଷା ମଞ୍ଚର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ, ବିଭାଗ ସମ୍ପାଦକ ବିଭୂଧେନ୍ଦ୍ର ବିଦ୍ୟାଧର, କାଉନସିଲର ବିଷ୍ଣୁ କୁମାର ସାହୁ । ତେବେ ଏହି ଘଟଣାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱର ସହିତ ନନେବାରୁ ଆନ୍ଦୋଳନକାରୀମାନେ ରାସ୍ତାରେ ବସି ପ୍ରତିବାଦ କରିଥିଲେ ଫଳରେ ରାସ୍ତା ଜାମ ହେବା ଫଳରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ଉଠିଯିବା ପାଇଁ ଅନୁରୋଧ କରିଥିଲେ । ଫଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ।

# ୫ ଦିନ ପରେ ବି ପହଞ୍ଚିନି ରିଲିଫ: ବନ୍ୟାଞ୍ଚଳରେ ସ୍ଥିତି ପରଖିଲେ ପୂର୍ବତନ ମନ୍ତ୍ରୀ

ଧାମନଗର,୫ ।୮ (ନିପ୍ର): ବନ୍ୟା ପରେ ଧାମନଗର ବ୍ଲକର ଅନେକ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଥିବାବେଳେ, ବନ୍ୟାର ପାଞ୍ଚ ଦିନ ପରେ ମଧ୍ୟ ଅନେକ ପ୍ରଭାବିତ ପରିବାରଙ୍କ ନିକଟରେ ସରକାରୀ ରିଲିଫ୍ ପହଞ୍ଚି ନଥିବା ଅଭିଯୋଗ ଉଠିଛି। ଏପରି ପରିସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମଙ୍ଗଳବାର ଧାମନଗର ବ୍ଲକର ବନ୍ୟା ଓ ଜଳବନ୍ଦୀ ପ୍ରଭାବିତ ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସାହସପୁର ପଞ୍ଚାୟତର ତାରିଣୀ ଛକ, ବମକୁରା ପଞ୍ଚାୟତର ଦେଉଳଡ଼ିହ ଜେନାସାହି, ଖଡ଼ିମାହାରା ଓ ଘାଟସାହି, ହସନାବାଦ ପଞ୍ଚାୟତର ଅନଳଡ଼ିହ, ଅସ୍ତକ, ଗୋପବନ୍ଧୁନଗର , ଅର୍ଜୁନପୁର ପଞ୍ଚାୟତର ମଠସାହି , ବାଲିପାଟଣା , ତରେଇସାହି ଓ ସଇଲୋ ଠାରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା କୋଚିଳା ନଦୀ ବନ୍ଧ ଅଞ୍ଚଳ ବୁଲି ବନ୍ୟାର ସ୍ଥିତି ପରଖିଥିଲେ। ଚାଷୀମାନେ ସମ୍ପୂର୍ଣ୍ଣ



ନଷ୍ଟ ହୋଇଯାଇଥିବା ଧାନ ତଳି ଦେଖାଇ ନିଜ ଦୁଃଖ ବଖାଣିବା ସହ କ୍ଷତିପୂରଣ ଦାବି କରିଥିଲେ। ଗସ୍ତ ବେଳେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ ଯେ, ବନ୍ୟାର ଏତେଦିନ ପରେ ମଧ୍ୟ ପଲିଥିନ, ଚୁଡ଼ା, ଗୁଡ଼ ଭଳି ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ସହିତ ଗୋ ଖାଦ୍ୟ ସେମାନଙ୍କ ପାଖରେ ପହଞ୍ଚିନାହିଁ। ବହୁ ସ୍ଥାନରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପହଞ୍ଚି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବମକୁରା ପଞ୍ଚାୟତର ଘାଟସାହି ମୁଖ୍ୟ ରାସ୍ତା ଉପରେ ଏବେ ମଧ୍ୟ ଜଳସ୍ରୋତ ପ୍ରବାହିତ ହେଉଥିବାରୁ ଯାତାୟାତ ବ୍ୟାହତ ହେଉଥିବାବେଳେ, ଗେଙ୍ଗୁଟି ନଦୀ କୂଳରେ ଅଧୁରା ପଡ଼ିଥିବା ଘେରୀ ବନ୍ଧ କାମ ପ୍ରତିବର୍ଷ ବନ୍ୟା ବିପଦକୁ ବଢ଼ାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଉଦ୍‌ବେଗ ପ୍ରକାଶ କରିଥିଲେ। ଅପରାହ୍ନରେ ହସନାବାଦ ସ୍ଥିତ ହୃଦାନନ୍ଦମଲ୍ଲିକ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ, ବନ୍ୟା ସମୟରେ ରିଲିଫ୍ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।ଏହି ଗସ୍ତରେ ବିଜେଡିର ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଲା ବିଶ୍ୱାଳ, ତିହିଡି ବ୍ଲକର ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ପୂର୍ବତନ ଧାମନଗର ନଗର ସଭାପତି ସୁଶାନ୍ତ ରାଉତ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦ ଦେବ ସାମଲ, ଧାମନଗର ବ୍ଲକ ଯୁବ ସଭାପତି ଭାରତ ବିଜୟ ଦଳେଇଙ୍କ ସମେତ ବହୁ ବିଜେଡି ନେତା,କର୍ମୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଅଡିଓ-ଭିଡିଓ କ୍ଲିପ୍ ବିନା କୋର୍ଟ ଖବର ପ୍ରକାଶ କରିପାରିବେ ଗଣମାଧ୍ୟମ



ନୂଆଦିଲ୍ଲୀ,୫।୮: ସୁପ୍ରିମକୋର୍ଟରେ ଶୁଣାଣି ଓ ରାୟ ପ୍ରକାଶ ସମ୍ପର୍କରେ ଗଣମାଧ୍ୟମ ଖବର ପ୍ରକାଶ କରିବା ଉପରେ କୌଣସି ପ୍ରତିବନ୍ଧକ ଲାଗୁ କରାଯାଇନାହିଁ। ତେବେ ଖବର ପ୍ରକାଶ ସମୟରେ କୋର୍ଟ ଶୁଣାଣିର ଅଡିଓ କିମ୍ବା ଭିଡିଓ କ୍ଲିପ୍ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। ଗତ ୨୪ ଜୁଲାଇରେ ଦିଆଯାଇଥିବା ଅନ୍ତରୀଣ ଆଦେଶକୁ ନେଇ ବିଭିନ୍ନ ମହଲରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପରେ ଶୀର୍ଷ ଅଦାଲତ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଗଣମାଧ୍ୟମ ନ୍ୟାୟିକ ପ୍ରକ୍ରିୟା, ଆଇନଗତ ଘଟଣାକ୍ରମ ଓ ରାୟ ସମ୍ପର୍କରେ ପୂର୍ବଭଳି ଖବର ପ୍ରକାଶ କରିପାରିବ। କିନ୍ତୁ ଶୁଣାଣିର ଅଡିଓ କିମ୍ବା ଭିଡିଓ କ୍ଲିପକୁ ଖବରର ଅଂଶ ଭାବେ ପ୍ରସାର କିମ୍ବା ପ୍ରକାଶ କରିବାକୁ ଅନୁମତି ମିଳିବ ନାହିଁ। ତେଣୁ ଏହି ଆଦେଶକୁ ଗଣମାଧ୍ୟମ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ବୋଲି ବ୍ୟାଖ୍ୟା କରାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ମାମଲାର ଶୁଣାଣି ସାମ୍ବାଦିକ ହର୍ଷିତା ଗ୍ରୋଭରଙ୍କ ଦ୍ୱାରା ଦାଖଲ ଜନସ୍ୱାର୍ଥ ମାମଲା ଉପରେ ଚାଲିଛି। ଆବେଦନରେ କୋର୍ଟର ସିଧା ପ୍ରସାରିତ ଶୁଣାଣିର ଭିଡିଓକୁ କାଟଛାଟ କରି ସାମାଜିକ ଗଣମାଧ୍ୟମରେ ବିକୃତ ଭାବେ ଉପସ୍ଥାପନ ଏବଂ ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଅଭିଯୋଗ ଉଠାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୪ ଜୁଲାଇରେ ସୁପ୍ରିମକୋର୍ଟ ଅନ୍ତରୀଣ ଆଦେଶ ଜାରି କରିଥିଲେ। ସେହି ଆଦେଶ ଅନୁସାରେ, ସମ୍ପୃକ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ୍ କିମ୍ବା ସୁପ୍ରିମକୋର୍ଟର ସେକ୍ରେଟାରି ଜେନେରାଲଙ୍କ ପୂର୍ବ ଅନୁମତି ବିନା କୋର୍ଟ ଶୁଣାଣିର ଅଡିଓ କିମ୍ବା ଭିଡିଓ ରେକର୍ଡିଂକୁ କାଟଛାଟ, ସମ୍ପାଦନା, ପୋଷ୍ଟ, ପୁନଃପୋଷ୍ଟ, ଅପଲୋଡ୍ କିମ୍ବା ଆର୍ଥିକ ଲାଭ ପାଇଁ ବ୍ୟବହାର କରିହେବ ନାହିଁ। କୋର୍ଟ କହିଥିଲେ, ନ୍ୟାୟିକ ପ୍ରକ୍ରିୟାର ଗମ୍ଭୀରତା ଓ ବିଶ୍ୱସନୀୟତା ଅକ୍ଷୁଣ୍ଣ ରଖିବା ସହ ସାମାଜିକ ଗଣମାଧ୍ୟମରେ ଏହାର ଅପବ୍ୟବହାର ରୋକିବା ହିଁ ଏହି ନିର୍ଦ୍ଦେଶର ଉଦ୍ଦେଶ୍ୟ।

## ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭାରେ ବ୍ୟାଙ୍କର୍ସ ବୁକ୍ସ ବିଲ୍ ପାରିତ



ନୂଆଦିଲ୍ଲୀ,୫।୮: ବିରୋଧୀ ଦଳର ହଙ୍ଗାମା ମଧ୍ୟରେ ବୁଧବାର ଲୋକସଭାରେ କୌଣସି ଆଲୋଚନା ବିନା ବ୍ୟାଙ୍କର୍ସ ବୁକ୍ସ ଏଭିଡେନ୍ସ (ସଂଶୋଧନ) ବିଲ୍ ପାରିତ ହୋଇଛି। ଗୃହରେ ବିରୋଧୀ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ନାରାବାଜି କରୁଥିବା ବେଳେ ସରକାର ବିଲକୁ ଧ୍ୱନିମତରେ ପାରିତ କରିଥିଲେ। ସୂଚନା ଅନୁସାରେ, ବିଲଟି ଲୋକସଭାରେ ଉପସ୍ଥାପନ ହେବାବେଳେ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହଙ୍ଗାମା କରୁଥିବାରୁ ବିଲ୍ ଉପରେ ବିସ୍ତୃତ ଆଲୋଚନା ସମ୍ଭବ ହୋଇନଥିଲା। ଏହା ସତ୍ତ୍ୱେ ବାଚସ୍ପତିଙ୍କ ଅନୁମତିକ୍ରମେ ବିଲଟିକୁ ଧ୍ୱନିମତରେ ପାରିତ କରାଯାଇଥିଲା। ଏହି ସଂଶୋଧନ ବିଲର ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କର ରେକର୍ଡ ଓ ହିସାବ ପୁସ୍ତକ ସମ୍ବନ୍ଧୀୟ ଆଇନକୁ ଡିଜିଟାଲ୍ ଯୁଗ ସହ ସାମଞ୍ଜସ୍ୟପୂର୍ଣ୍ଣ କରିବା। ବ୍ୟାଙ୍କଗୁଡ଼ିକରେ ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଡିଜିଟାଲ୍ ଡକ୍ୟୁମେଣ୍ଟର ବ୍ୟବହାର ବଢ଼ିଥିବାରୁ ସେଗୁଡ଼ିକୁ ଆଇନଗତ ସାକ୍ଷ୍ୟ ଭାବେ ଅଧିକ ସ୍ପଷ୍ଟ ଭାବେ ସ୍ୱୀକୃତି ଦେବା ପାଇଁ ଏହି ସଂଶୋଧନ ଅଣାଯାଇଛି। ଏହା ଫଳରେ ଅଦାଲତରେ ବ୍ୟାଙ୍କର ଇଲେକ୍ଟ୍ରୋନିକ୍ ରେକର୍ଡକୁ ସାକ୍ଷ୍ୟ ଭାବେ ଉପସ୍ଥାପନ କରିବା ପ୍ରକ୍ରିୟା ଅଧିକ ସହଜ ହେବ ବୋଲି ସରକାର କହିଛନ୍ତି।

## ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟସଭାରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୫।୮: ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ସଂକ୍ରାନ୍ତ ବିଲ୍ ତଥା ସୁପ୍ରିମକୋର୍ଟ (ନମ୍ବର ଅଫ ଜଜେସ୍) ଆମେଣ୍ଡମେଣ୍ଟ ବିଲ୍, ୨୦୨୬ ଆଜି ରାଜ୍ୟସଭାରେ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟାବୃଦ୍ଧି ନେଇ ପୂର୍ବରୁ ସରକାର ଆଣିଥିବା ଅଧ୍ୟାଦେଶକୁ ଆଇନରେ ପରିଣତ କରିବାପାଇଁ ଏହି ବିଲ୍ ଆସିଛି। ରାଜ୍ୟସଭାରେ ଏହି ବିଲ୍ ଗୃହୀତ ହେବାପରେ ଏହାକୁ ଲୋକସଭାକୁ ଫେରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ସହ ଏକ ବିସ୍ତୃତ ଆଲୋଚନା ପରେ ଏହି ବିଲକୁ ଲୋକସଭାକୁ ଫେରାଯାଇଛି। ମେଘୱାଲ କହିଛନ୍ତି, ଏହା ନ୍ୟାୟପାଳିକା ସଂସ୍କାରର ଏକ ଅଂଶବିଶେଷ ଏବଂ ପଡ଼ି ରହିଥିବା ମାମଲା ଗୁଡ଼ିକର ଏହାଦ୍ୱାରା ଶୀଘ୍ର ସମାଧାନ ହୋଇପାରିବ। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ହେବା ଦ୍ୱାରା ନ୍ୟାୟିକ ଦକ୍ଷତା ବୃଦ୍ଧି ଦିଗରେ ଏହା ଏକ ପଦକ୍ଷେପ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଲୋକସଭାରେ ଗତ ସୋମବାର ଦିନ ଏହି ବିଲଟି ଗୃହୀତ ହୋଇ ସାରିଛି।

## ମହାରାଷ୍ଟ୍ରରେ ନନ୍-ଡେରି ପନିର୍ ନିଷିଦ୍ଧ
### ଉଲ୍ଲଂଘନକାରୀଙ୍କୁ ୬ ମାସ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା



ମୁମ୍ବାଇ,୫।୮: ମହାରାଷ୍ଟ୍ର ସରକାର ନକଲି ଓ ଭେଜାଲ ଦୁଗ୍ଧଜାତ ଖାଦ୍ୟ ବିକ୍ରିକୁ ରୋକିବା ପାଇଁ ନନ୍-ଡେରି (ବିନା ଦୁଗ୍ଧରେ ପ୍ରସ୍ତୁତ) ପନିରର ଉତ୍ପାଦନ ଓ ବିକ୍ରି ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି । ଏହି ନିୟମ ଉଲ୍ଲଂଘନ କଲେ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବ । ଛତିଶଗଡ଼ ପରେ ଏପରି ପ୍ରତିବନ୍ଧକ ଲାଗୁ କରିଥିବା ଦ୍ୱିତୀୟ ରାଜ୍ୟ ହେଉଛି ମହାରାଷ୍ଟ୍ର। ରାଜ୍ୟର ଖାଦ୍ୟ ସୁରକ୍ଷା କମିସନର ତୁକାରାମ ମୁଣ୍ଡେଙ୍କ ଦ୍ୱାରା ଜାରି ହୋଇଥିବା ନିଷିଦ୍ଧାଦେଶ ଅନୁଯାୟୀ, ଆନାଲଗ୍ କିମ୍ବା ନନ୍-ଡେରି ପନିରର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକିଂ, ଗଚ୍ଛିତ ରଖିବା, ପରିବହନ, ଖୁଚୁରା ଓ ପାଇକାରୀ ବିକ୍ରି, ବଣ୍ଟନକୁ ରାଜ୍ୟବ୍ୟାପୀ ନିଷିଦ୍ଧ କରାଯାଇଛି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬ ଅନୁଯାୟୀ, ଅପରାଧର ଗୁରୁତ୍ୱ ଅନୁସାରେ ଦୋଷୀଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ ଏବଂ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଯଦି ଅସୁରକ୍ଷିତ ଖାଦ୍ୟ ଖାଇ କାହାର ମୃତ୍ୟୁ ଘଟେ, ତେବେ ଆଇନ ଅନୁଯାୟୀ ଆଜୀବନ କାରାଦଣ୍ଡ ଏବଂ ଅତି କମରେ ୧୦ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି । ମହାରାଷ୍ଟ୍ର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍ଡିଏ) ସ୍ପଷ୍ଟ କରିଛି ଯେ, ନନ୍-ଡେରି ପନିରକୁ ଅସଲି ଦୁଗ୍ଧଜାତ ପନିର ବୋଲି ବିକ୍ରି କରିବା ଉପଭୋକ୍ତାଙ୍କୁ ଭ୍ରମିତ କରିବା ସହ ଏକ ଅନ୍ୟାୟ ବ୍ୟବସାୟିକ ପ୍ରଥା। ଏପରି କାର୍ଯ୍ୟରେ ଜଡ଼ିତ ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯିବ।

## ଡିସେମ୍ବରରେ ବାଂଲାଦେଶ ଫେରିବି
### ମୋତେ ହତ୍ୟା କରାଗଲେ ବି ଡର ନାହିଁ: ଶେଖ୍ ହସିନା



ନୂଆଦିଲ୍ଲୀ,୫।୮: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦୀର୍ଘ ଦୁଇ ବର୍ଷ ପରେ ସ୍ୱଦେଶ ଫେରିବା ନେଇ ବଡ଼ ଘୋଷଣା କରିଛନ୍ତି। ବୁଧବାର ଦିନ ନିଜର ଏକ ସମ୍ବୋଧନରେ ସେ କହିଛନ୍ତି ଯେ ସେ ଆସନ୍ତା ଡିସେମ୍ବର ମାସରେ ବାଂଲାଦେଶ ଫେରିବେ। ଯଦିଓ ସେ ପ୍ରତ୍ୟାବର୍ତ୍ତନର କୌଣସି ସଠିକ୍ ତାରିଖ ଘୋଷଣା କରିନାହାନ୍ତି, ତଥାପି ଢାକାରେ ପହଞ୍ଚିବା ପରେ ତାଙ୍କୁ ଗିରଫ କିମ୍ବା ହତ୍ୟା କରାଯିବାର ଆଶଙ୍କା ଥିଲେ ମଧ୍ୟ ସେ ଏଥିରୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଦୃଢ଼ତାର ସହ କହିଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଏହା ତାଙ୍କର ପ୍ରଥମ ସାର୍ବଜନୀନ ସମ୍ବୋଧନ ଅଟେ। “ମୋ ନିଜ ପାଇଁ ନୁହେଁ, ଦେଶର ଭବିଷ୍ୟତ ପାଇଁ ଚିନ୍ତିତ” ହସିନା ନିଜର ଦୃଢ଼ ମନୋବଳ ପ୍ରକାଶ କରି କହିଛନ୍ତି, “ମୋତେ ଜେଲ୍ ପଠାଯାଇପାରେ କିମ୍ବା ହତ୍ୟା କରାଯାଇପାରେ, କିନ୍ତୁ ଭୟ ମୋର ଲୋକଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଅଟକାଇ ପାରିବ ନାହିଁ। ୧୯୭୫ ମସିହାରେ ମୁଁ ମୋ ପରିବାରକୁ ହରାଇଥିଲି ଏବଂ ୬ ବର୍ଷ ନିର୍ବାସନରେ କଟାଇଥିଲି। ମୁଁ ମୋ ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ନୁହେଁ, ବରଂ ବାଂଲାଦେଶର ଭବିଷ୍ୟତ ପାଇଁ ଅଧିକ ଚିନ୍ତିତ।” ହସିନା ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଫେରିବାର ଉଦ୍ଦେଶ୍ୟ କ୍ଷମତା ହାସଲ କରିବା ନୁହେଁ। ବାଂଲାଦେଶକୁ ପୁଣିଥରେ ବିକାଶର ପଥକୁ ଆଣିବା ଏବଂ ଲୋକମାନଙ୍କୁ ସୁରକ୍ଷା, ସମୃଦ୍ଧି ତଥା ଶାନ୍ତି ପ୍ରଦାନ କରିବା ତାଙ୍କର ମୂଳ ଲକ୍ଷ୍ୟ। ଗତ ଜୁଲାଇ-ଅଗଷ୍ଟ ୨୦୨୪ରେ ତାଙ୍କ ସରକାରର ପତନ ଘଟାଇଥିବା ଆନ୍ଦୋଳନକୁ ନେଇ ହସିନା ମୁହଁ ଖୋଲିଛନ୍ତି। ସେ ଦାବି କରିଛନ୍ତି ଯେ ଏହା ଏକ ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନ ନଥିଲା। ଛାତ୍ରଛାତ୍ରୀମାନଙ୍କୁ ମୋହରା ବନାଇ ହିଂସା ତଥା ସରକାର ବଦଳାଇବା ପାଇଁ ଏହା ଏକ ସୁପରିକଳ୍ପିତ ଅଭିଯାନ ଥିଲା। ସେ ପ୍ରଶ୍ନ କରିଛନ୍ତି, “ଯେତେବେଳେ ପୋଲିସ୍ ଓ ସରକାରୀ କୋଠାରେ ନିଆଁ ଲଗାଇ ଲୁଟପାଟ୍ କରାଗଲା, ସେତେବେଳେ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରିବା କ’ଣ ରାଷ୍ଟ୍ରର କର୍ତ୍ତବ୍ୟ ନୁହେଁ?” ୨୦୨୪ ଜୁଲାଇ ୧୮ରେ ଏହି ହିଂସାର ତଦନ୍ତ ପାଇଁ ସେ ଏକ ବିଚାର ବିଭାଗୀୟ କମିଶନ ଗଠନ କରିଥିବା କଥା ମଧ୍ୟ ସ୍ମରଣ କରାଇଦେଇଛନ୍ତି।

## ୟୁକ୍ରେନରେ ରୁଷର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ: ୧୭ ମୃତ



କିଭ,୫।୮: ବୁଧବାର ରାତିରେ ରୁଷ ୟୁକ୍ରେନ ରାଜଧାନୀ କିଭ ଏବଂ ଏହାର ଆଖପାଖ ଅଞ୍ଚଳ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିବା ଫଳରେ ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଏକ ରେଳ ଷ୍ଟେସନ୍ କ୍ଷତିଗ୍ରସ୍ତ ହୋଇଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି କହିଛନ୍ତି।ଜେଲେନସ୍କିଙ୍କ ଅନୁଯାୟୀ ଆକ୍ରମଣରେ ଏକ କମ୍ପାନି, ନିର୍ମାଣ ସାମଗ୍ରୀ ଗୋଦାମ ଏବଂ ଏକ ଡାକ ପାର୍ସଲ୍ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରତିଷ୍ଠାନ ଗୁଡ଼ିକର ଯୁଦ୍ଧ ସହ କୌଣସି ସମ୍ପର୍କ ନଥିବା ଜେଲେନସ୍କି କହିଛନ୍ତି। କିନ୍ତୁ ରୁଷର ପ୍ରତିରକ୍ଷା ମନ୍ତ୍ରାଳୟ ଦାବି କରିଛି ଯେ ଉକ୍ତ ପ୍ରତିଷ୍ଠାନଗୁଡ଼ିକ ସେନା ସହ ଜଡ଼ିତ ଥିଲା। ଗତ ରାତିରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଆକ୍ରମଣ ଚଳିତ ଗ୍ରୀଷ୍ମ ଋତୁରେ ରୁଷ ପକ୍ଷରୁ କରାଯାଉଥିବା ବଡ଼ ଧରଣର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ସଦ୍ୟତମ ଘଟଣା। ୟୁକ୍ରେନ ପାଖରେ ଆମେରିକା ନିର୍ମିତ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ଘୋର ଅଭାବ ରହିଛି। ଏହି ବ୍ୟବସ୍ଥା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ଅଟକାଇବାରେ ସକ୍ଷମ ଏକମାତ୍ର ଅସ୍ତ୍ର। ଇରାନ ଯୁଦ୍ଧ ପରେ ଏହି ଗୋଳାବାରୁଦର ଅଭାବ ଆହୁରି ବଢ଼ିଯାଇଥିବାରୁ ଜେଲେନସ୍କି ଅନ୍ୟ ଦେଶଗୁଡ଼ିକୁ ଅଧିକ ମିସାଇଲ୍ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଜେଲେନସ୍କି କହିଛନ୍ତି, ଚଳିତ ବର୍ଷର ପ୍ରଥମ ଛଅ ମାସରେ ୟୁକ୍ରେନକୁ ମିଳିଥିବା ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ରର ପରିମାଣ ୨୦୨୫ ତୁଳନାରେ ଏକ ତୃତୀୟାଂଶକୁ ଖସିଆସିଛି।

## ଦୁବାଇରେ ୨୦ ମିନିଟ୍ ମଧ୍ୟରେ ୭ ବିସ୍ଫୋରଣ

ଆବୁଧାବି,୫।୮: ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଜେବେଲ୍ ଅଲିରେ ବୁଧବାର ରାତିରେ ୨୦ ମିନିଟ୍ ମଧ୍ୟରେ ଜେବେଲ୍ ଅଲି ଶିଳ୍ପାଞ୍ଚଳରେ ସାତଥର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ପରେ, ଆକାଶରେ କଳା ଧୂଆଁ ଘୋଟି ଯାଇଥିଲା। ଏମିରାତ ଅଧିକାରୀ ଏବଂ ଇରାନୀ ସମାଚାର ଏଜେନ୍ସି ମେହରଙ୍କ ଅନୁଯାୟୀ, ବିସ୍ଫୋରଣ ଶକ୍ତିଶାଳୀ ଥିଲା। ଜେବେଲ୍ ଅଲି ନିକଟସ୍ଥ ଅଲ୍ ଫୁରଜାନ୍ ଅଞ୍ଚଳର ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ସେମାନେ ରାତିରେ ଏକ ସିରିଜ୍ ବିସ୍ଫୋରଣ ଶବ୍ଦ ଶୁଣିଥିଲେ। ଆଶ୍ୱସ୍ତିର କଥା ହେଉଛି, ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଘଟଣାରେ କାହାର ମୃତ୍ୟୁ କିମ୍ବା ଆହତ ହେବାର କୌଣସି ରିପୋର୍ଟ ମିଳିନାହିଁ। ଦୁବାଇ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଘଟଣା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ବିସ୍ଫୋରଣର ଭିଡିଓ ତିଆରି କରି ସୋସିଆଲ ମିଡିଆରେ ସେୟାର କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରମାଣିତ ହୋଇନଥିବା ସୂଚନା ସେୟାର ନକରିବାକୁ ଏବଂ କେବଳ ସରକାରୀ ବିବୃତି ଉପରେ ନିର୍ଭର କରିବାକୁ ନିବେଦନ କରିଛନ୍ତି।

## ଏଲନିନୋ ନେଇ ଜାତିସଂଘର ଚେତାବନୀ
# ଭୋକରେ ଆଉଟୁପାଉଟୁ ହେବେ ୪ କୋଟିରୁ ଅଧିକ ଲୋକ !



ନୂଆଦିଲ୍ଲୀ,୫।୮: ଏଲ୍-ନିନୋକୁ ନେଇ ବଢ଼ିଲା ବିଶ୍ୱ ଚିନ୍ତା। ମିଳିତ ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ବା ଡବ୍ଲୁଏଫପି ବୁଧବାର ଏକ ଚିନ୍ତାଜନକ ରିପୋର୍ଟ ଦେଇଛି। ସଂସ୍ଥା କହିଛି ଶକ୍ତିଶାଳୀ ଏଲ୍-ନିନୋ ପ୍ରଭାବ ଯୋଗୁ ଆସନ୍ତା ବର୍ଷ ଶେଷ ସୁଦ୍ଧା ଏକ ବଡ଼ ଖାଦ୍ୟ ସଂକଟ ଦଖା ଦେବ। ବିଶ୍ୱର ପ୍ରାୟ ୪ କୋଟି ୯୦ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହେବେ। ୧୯୫୦ ପରେ ଏହା ସବୁଠୁ ଶକ୍ତିଶାଳୀ ଏଲ୍-ନିନୋ ହୋଇପାରେ। ୨୦୨୭ ଶେଷ ସୁଦ୍ଧା ବିଶ୍ୱରେ ଏକ ଶକ୍ତିଶାଳୀ ଏଲ୍-ନିନୋ ପ୍ରଭାବ ଦେଖାଦେବାର ୮୧ ପ୍ରତିଶତ ସମ୍ଭାବନା ଥିବା ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଡବ୍ଲୁଏଫପି ବୁଧବାର ଏକ ରିପୋର୍ଟ ଜାରି କରି କହିଛି। ପ୍ରଶାନ୍ତ ମହାସାଗରର ସମୁଦ୍ର ପୃଷ୍ଠର ତାପମାତ୍ରା ୧୯୮୨ ପରଠାରୁ ସର୍ବାଧିକ ସ୍ତରରେ ରହିଛି ଏବଂ ଏହା ୧୯୫୦ ପରେ ସବୁଠୁ ଶକ୍ତିଶାଳୀ ଏଲ୍-ନିନୋ ହୋଇପାରେ। ଏହାର ପ୍ରଭାବରେ ବିଶ୍ୱରେ ଅତିରିକ୍ତ ୪୯ ମିଲିଅନ ଲୋକେ ଖାଦ୍ୟ ସଂକଟରେ ସାମ୍ନାଖୀନ ହେବେ। ଏଲ୍-ନିନୋ ଯୋଗୁ ଦକ୍ଷିଣ ଆଫ୍ରିକାରେ ମରୁଡ଼ି, ଏସିଆର କିଛି ଅଞ୍ଚଳରେ ବିଳମ୍ବିତ ମୌସୁମୀ ବର୍ଷା ଏବଂ ଅନ୍ୟ ଅଞ୍ଚଳରେ ଅସ୍ୱାଭାବିକ ବର୍ଷା ହେବାର ଆଶଙ୍କା ରହିଛି। ଡବ୍ଲୁଏଫପି ୪୫ଟି ସମ୍ବେଦନଶୀଳ ଦେଶକୁ ନେଇ କରିଥିବା ବିଶ୍ଳେଷଣରେ କହିଛି, ତୀବ୍ର ଖାଦ୍ୟ ଅସୁରକ୍ଷିତ ଲୋକଙ୍କ ସଂଖ୍ୟା ୨୨ ପ୍ରତିଶତ ବଢ଼ି ୨୭ କୋଟି ୪୦ ଲକ୍ଷରେ ପହଞ୍ଚିପାରେ। ଏହି ସମସ୍ୟା ଆଗକୁ ବଡ଼ଧରଣର ଖାଦ୍ୟ ସଂକଟ ସୃଷ୍ଟି କରିବ ବୋଲି ଡବ୍ଲୁଏଫପି ର ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ବିଶ୍ଳେଷଣ ସେବାର ନିର୍ଦ୍ଦେଶକ ଜିନ୍-ମାର୍ଟିନ୍ ବାଉର୍ ସାମ୍ବାଦିକମାନଙ୍କୁ କହିଛନ୍ତି। ମଧ୍ୟ ଆମେରିକା ଓ ଦକ୍ଷିଣ ଆଫ୍ରିକା ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ମଧ୍ୟ ଆମେରିକାରେ ଖାଦ୍ୟ ଅସୁରକ୍ଷିତ ଲୋକଙ୍କ ସଂଖ୍ୟା ୮୩ ପ୍ରତିଶତ ଏବଂ ଦକ୍ଷିଣ ଆଫ୍ରିକାରେ ପ୍ରାୟ ୭୫ ପ୍ରତିଶତ ବଢ଼ିବାର ଆକଳନ କରାଯାଇଛି। ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ୧ କୋଟି ୨୦ ଲକ୍ଷରୁ ଅଧିକ ନୂଆ ଲୋକ ଖାଦ୍ୟ ସଙ୍କଟରେ ପଡ଼ିପାରନ୍ତି। ଉରଚ କହିଛି, ପୂର୍ବ ଆଫ୍ରିକା, ସାହେଲ୍, ମଧ୍ୟ ଆମେରିକା ଓ କାରିବିଆନରେ ବର୍ଷା କମ୍ ହେବାର ଆଶଙ୍କା ଥିବା ବେଳେ ସୋମାଲିଆ ଓ ଏହାର ପଡ଼ୋଶୀ ଅଞ୍ଚଳରେ ବନ୍ୟା ବିପଦ ବଢ଼ିପାରେ। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ମଧ୍ୟ ମରୁଡ଼ି, ଅସମାନ ମୌସୁମୀ ବର୍ଷା ଓ ସ୍ଥାନୀୟ ବନ୍ୟା କୃଷି ଉତ୍ପାଦନକୁ ପ୍ରଭାବିତ କରିପାରେ। ଡବ୍ଲୁଏଫପି ଜୋର ଦେଇ କହିଛି ଯେ, ଏଲ୍-ନିନୋର ପ୍ରଭାବ ଅଞ୍ଚଳ ଭେଦରେ ଭିନ୍ନ ହୋଇପାରେ। ତେଣୁ ସରକାର ଓ ରିଲିଫ୍ ଏଜେନ୍ସିମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଆବଶ୍ୟକ। ସଂସ୍ଥା ଏପର୍ଯ୍ୟନ୍ତ ୧୮ଟି ଦେଶରେ ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଜୋରଦାର କରି ୧୩ ଲକ୍ଷରୁ ଅଧିକ ଲୋକଙ୍କୁ ନଗଦ ସହାୟତା ଓ ଅନ୍ୟାନ୍ୟ ସହଯୋଗ ଯୋଗାଇସାରିଛି।

## ୨୩ ଔଷଧର ଖୁଚୁରା ମୂଲ୍ୟ ଧାର୍ଯ୍ୟ



ନୂଆଦିଲ୍ଲୀ,୫।୮: ଜାତୀୟ ଫାର୍ମାସ୍ୟୁଟିକାଲ୍ ମୂଲ୍ୟ କର୍ତ୍ତୃପକ୍ଷ (ଏନପିପିଏ) ୨୩ଟି ଔଷଧ ମିଶ୍ରଣର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ଏଥିରେ ଡାଇବେଟିସ୍, ହୃଦରୋଗ, ଯନ୍ତ୍ରଣା ନିବାରକ ଔଷଧ ରହିଛି। ଟାଇପ୍-୨ ଡାଇବେଟିସ୍ ରୋଗୀମାନେ ସେବନ କରୁଥିବା ସିଟାଗ୍ଲିପ୍ଟିନ୍, ଗ୍ଲିମେପିରାଇଡ୍, ଡାପାଗ୍ଲିଫ୍ଲୋଜିନ୍, ମେଟ୍ଫର୍ମିନ (ଏକ୍ସଟେଣ୍ଡେଡ୍ ରିଲିଜ୍ ଓ ସଷ୍ଟେନଡ୍ ରିଲିଜ୍) ଓ ପିଓଗ୍ଲିଟାଜୋନର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଏହି ଔଷଧଗୁଡ଼ିକୁ ସନ୍ ଫାର୍ମା, ମ୍ୟାନକାଇଣ୍ଡ ଫାର୍ମା, ଟୋରେଣ୍ଟ ଫାର୍ମାସ୍ୟୁଟିକାଲ୍ସ, ଆଲ୍କେମ୍, ଆଇପିସିଏ, ଆରିଷ୍ଟୋ ଫାର୍ମାସ୍ୟୁଟିକାଲ୍ସ ଭଳି କମ୍ପାନି ନିର୍ମାଣ କରୁଛନ୍ତି। ଔଷଧଗୁଡ଼ିକର ଖୁଚୁରା ମୂଲ୍ୟ ଧାର୍ଯ୍ୟ କରାଯିବାର ଅର୍ଥ ହେଉଛି କୌଣସି ସଂସ୍ଥା ତାଠାରୁ ଅଧିକ ଦାମରେ ଔଷଧ ବିକ୍ରି କରିପାରିବେ ନାହିଁ। ବିଭିନ୍ନ ପ୍ରକାର ବିଷୟ ବିଚାରକୁ ନେଇ ଏନପିପିଏ ତରଫରୁ ଔଷଧର ଖୁଚୁରା ଦର ନିର୍ଦ୍ଧାରଣ କରାଯାଉଛି।

## ମୁଣ୍ଡ ନୁଆଁଇଲେ ଜୁକରବର୍ଗ

ନୂଆଦିଲ୍ଲୀ,୫।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫେସବୁକ୍ ପୋଷ୍ଟ ହଟାଯିବା ଏବଂ ବିଭିନ୍ନ ବିବାଦୀୟ କଣ୍ଟେଣ୍ଟକୁ ନେଇ ସୃଷ୍ଟି ହୋଇଥିବା ହଙ୍ଗାମା ମଧ୍ୟରେ ମେଟା ସିଇଓ ମାର୍କ ଜୁକରବର୍ଗ ଭାରତ ସରକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ଚାଇଲ୍ଡ ସେକ୍ସୁଆଲ୍ ଆବ୍ୟୁଜ୍ ମ୍ୟାଟେରିଆଲ୍, ଡିପ୍ଫେକ୍ କଣ୍ଟେଣ୍ଟ ଏବଂ ପ୍ଲାଟଫର୍ମ ପରିଚାଳନାରେ ହୋଇଥିବା ବୈଷୟିକ ତ୍ରୁଟି ପାଇଁ ଜୁକରବର୍ଗ ଭାରତ ସରକାରଙ୍କ ନିକଟକୁ ନିଜର କ୍ଷମାପ୍ରାର୍ଥନା ପଠାଇଛନ୍ତି ବୋଲି ସୂଚନା ମିଳିଛି । ଏହି ଘଟଣା ପୂର୍ବରୁ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରାଳୟ ପକ୍ଷରୁ ସମନ ଜାରି କରାଯିବା ପରେ ମେଟାର ବିଶ୍ୱସ୍ତରୀୟ ପ୍ରତିନିଧି ଦଳ ବରିଷ୍ଠ ଅଧିକାରୀମାନଙ୍କୁ ଭେଟିଥିଲେ । ମେଟାର ଚିଫ୍ ଗ୍ଲୋବାଲ୍ ଆଫେୟାର୍ସ ଅଫିସର ଜୋଏଲ୍ କାପଲାନଙ୍କ ନେତୃତ୍ୱରେ ଆସିଥିବା ଦଳ ଆଇଟି ସେକ୍ରେଟାରୀ ଏସ୍. କୃଷ୍ଣନଙ୍କ ସହ ପ୍ରାୟ ୪୫ ମିନିଟ୍ ଧରି ବୈଠକ କରିଥିଲେ ।

## ୧୭ ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ !

ନୂଆଦିଲ୍ଲୀ, ୫।୮: ସୀମା ପୁନଃନିର୍ଦ୍ଧାରଣ (ପରିସୀମନ) ଓ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ବିଲ୍ ପାରିତ କରିବା ପାଇଁ କେନ୍ଦ୍ର ସରକାର ଆସନ୍ତା ୧୭ ତାରିଖରୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିଚାର କରୁଛନ୍ତି । ଚଳିତ ବର୍ଷ ଏପ୍ରିଲ୍ରେ ଡକାଯାଇଥିବା ସ୍ୱତନ୍ତ୍ର ସଂସଦ ଅଧିବେଶନରେକିଛି ବିଲ ଉପସ୍ଥାପନ କରାଯାଇଥିଲା । ସେଥିରେ ଲୋକସଭା ଆସନ ସଂଖ୍ୟା ବୃଦ୍ଧି, ନୂତନ ସୀମା ପୁନଃନିର୍ଦ୍ଧାରଣ ଏବଂ ୨୦୨୯ ଲୋକସଭା ନିର୍ବାଚନରୁ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବାର ପ୍ରସ୍ତାବ ରହିଥିଲା ।

## ଫିଲିପାଇନ୍ସରେ ୬.୩ ତୀବ୍ରତାର ଭୂକମ୍ପ ଝଟ୍କା

ନୂଆଦିଲ୍ଲୀ,୫।୮: ଦକ୍ଷିଣ ଫିଲିପାଇନ୍ସର ଉପକୂଳରେ ବୁଧବାର ଏକ ଶକ୍ତିଶାଳୀ ୬.୩ ତୀବ୍ରତାଯୁକ୍ତ ଭୂକମ୍ପ ଅନୁଭୂତ ହୋଇଛି ବୋଲି ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ କହିଛି । ଯାହା ଫଳରେ ସାରାଙ୍ଗାନି ଦ୍ୱୀପର କେନ୍ଦ୍ରସ୍ଥଳ ନିକଟବର୍ତ୍ତୀ ନିର୍ମାଣଗୁଡ଼ିକରୁ ବାସିନ୍ଦାମାନେ ଆତଙ୍କିତ ହୋଇ ଘର ବାହାରକୁ ପଳାଇ ଆସିଥିବାର ଦେଖିବାକୁ ମିଳିଥିଲା ।

## ଚନ୍ଦ୍ରରେ ଖସିପଡ଼ିଲା ସ୍ପେସ୍-ଏକ୍ସର ରକେଟ୍

ନୂଆଦିଲ୍ଲୀ,୫।୮: ଜହ୍ନରେ ଖସିପଡ଼ିଲା ସ୍ପେସ୍-ଏକ୍ସର ରକେଟ୍। ୨୦ରୁ ୩୦ମିଟର ଗାତ ହୋଇଥିବା ଆଶଙ୍କା । ଆଜି ଭାରତୀୟ ସମୟ ୧୨ଟା ୫ରେ ଖସିପଡ଼ିଥିବା ସୂଚନା । ୧୯ମାସ ଧରି ମହାକାଶରେ ବୁଲୁଥିଲା ସ୍ପେସ୍-ଏକ୍ସ ରକେଟ୍ । ସ୍ପେସ ଏକ୍ସର ଫାଲକନ-୯ ରକେଟର ଦିନ ୧୨.୦୫ ସମୟରେ ଆଇନଷ୍ଟାଇନ କ୍ରେଟର ନିକଟରେ ଚନ୍ଦ୍ରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତଥାପି, ଏହା ସ୍ପଷ୍ଟ ହେବା ପାଇଁ କିଛି ଘଣ୍ଟା ସମୟ ଲାଗିବ ବୋଲି ଆଶା କରାଯାଉଛି। ଚନ୍ଦ୍ରକୁ ବ୍ଲୁ ଘୋଷ୍ଟ ମିଶନ୍ ଆରମ୍ଭ କରିବା ପରେ ୧୯ ମାସ ଧରି ମହାକାଶରେ ଘୁରି ବୁଲୁଥିଲା। ଏହାର ଧକ୍କାର ଗତିପଥ କିଛି ସେକେଣ୍ଡ ଏବଂ କିଛି ଶହ ମିଟର ମଧ୍ୟରେ ଟ୍ରାକ୍ କରାଯାଇଥିଲା । ବିଭିନ୍ନ ଏଜେନ୍ସି ଏହି ଘଟଣା ଉପରେ ନଜର ରଖିଛନ୍ତି ଏବଂ ଆଗାମୀ ଦିନରେ ଚନ୍ଦ୍ର ଉପରେ ଉଡୁଥିବା ଅର୍ବିଟରଗୁଡ଼ିକ ଏକ ନୂତନ ଗର୍ତ୍ତ ଚିହ୍ନଟ କରିବାର ସମ୍ଭାବନା ଅଧିକ।

## ତାମିଲନାଡୁର ମହିଳାଙ୍କୁ ମିଳିବ ସ୍ୱର୍ଣ୍ଣ ମୁଦ୍ରା

ନୂଆଦିଲ୍ଲୀ,୫।୮: ତାମିଲନାଡୁର ବିଜୟ ସରକାର ୨୦୨୬-୨୭ ବଜେଟରେ ମହିଳାମାନଙ୍କ ପାଇଁ ବଡ଼ ଉପହାର ଘୋଷଣା କରିଛନ୍ତି। ବଜେଟରେ ‘ବ୍ରଦର୍ସ ଗିଫ୍ଟ ସ୍କିମ୍’ ଅଧୀନରେ ମହିଳାମାନଙ୍କୁ ୮ ଗ୍ରାମ ସୁନାର ମୁଦ୍ରା ପ୍ରଦାନ କରିବା ସହ ସିଲ୍କ ଶାଢ଼ୀ ଯୋଜନା ପାଇଁ ୮୧୨ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ବିଧାନସଭା ନିର୍ବାଚନ ଇସ୍ତାହାରରେ ବିବାହ ଅବସରରେ ମହିଳାଙ୍କୁ ଉପହାର ଦେବାର ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ବଜେଟରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରାଯାଇଛି। ତାମିଲନାଡୁର ଅର୍ଥମନ୍ତ୍ରୀ ଏନ୍. ମେରୀ ୱିଲସନ୍ ବୁଧବାର ବିଧାନସଭାରେ ଟିଭିକେ ସରକାରଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଥିଲେ।

## ଗଡକରୀଙ୍କ ଫେକ୍ ଭିଡିଓ ହଟାଇବାକୁ ନିର୍ଦ୍ଦେଶ

ମୁମ୍ବାଇ,୫।୮: କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀଙ୍କ ବିରୋଧରେ ଫେକ୍ ଭିଡିଓ ବନାଇବା ମହଙ୍ଗା ପଡ଼ିଛି। ଆପତ୍ତିଜନକ ପୋଷ୍ଟ ହଟାଇବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ବମ୍ବେ ହାଇକୋର୍ଟ । କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀଙ୍କୁ ସୋସିଆଲ ମିଡିଆରେ ଟାର୍ଗେଟ୍ ମାମଲାରେ ବମ୍ବେ ହାଇକୋର୍ଟ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଇଥାନଲ୍-ମିଶ୍ରିତ ପେଟ୍ରୋଲ୍ ବା (ଇ୨୦) ନେଇ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର ଉଚିତ ଜବାବ ଦେଇଛନ୍ତି ବମ୍ବେ ହାଇକୋର୍ଟ । ଆପତ୍ତିଜନକ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଜେନେରେଟେଡ୍ ଡିପ୍ଫେକ୍ ଭିଡିଓ ପୋଷ୍ଟଗୁଡ଼ିକୁ ତୁରନ୍ତ ହଟାଇବାକୁ କୋର୍ଟ ‘ଏକ୍ସ’ ଏବଂ ‘ମେଟା’ ସମେତ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନିର୍ଦ୍ଦେଶ ଦେଇଛନ୍ତି।

### ପୋଲିସର ତ୍ୱରିତ୍ ପଦକ୍ଷେପ

# ଆତ୍ମହତ୍ୟା କରୁଥିବା ଯୁବକଙ୍କୁ ବଞ୍ଚାଇଲା ଧଉଳି ପୋଲିସ

ଭୁବନେଶ୍ୱର(ନି.ପ୍ର): ସୋସିଆଲ ମିଡିଆରେ ଆତ୍ମହତ୍ୟା କରିବାକୁ ଯାଉଥିବା ଭିଡିଓ ପୋଷ୍ଟ କରିଥିବା ଜଣେ ଯୁବକଙ୍କୁ ଧଉଳି ଥାନା ପୁଲିସ ତ୍ୱରିତ ପଦକ୍ଷେପ ନେଇ ଉଦ୍ଧାର କରି ତାଙ୍କ ଜୀବନ ବଞ୍ଚାଇଛି । ମଙ୍ଗଳବାର (୪ ଅଗଷ୍ଟ) ରାତି ପ୍ରାୟ ୮ଟା ୫୦ ମିନିଟ୍‌ରେ କେନାଲ ରୋଡ୍, ଉତ୍ତରା ଅଞ୍ଚଳର ବାସିନ୍ଦା ବାଦଲ କୁମାର ଜେନା ତାଙ୍କ ପରିବାର ସଦସ୍ୟଙ୍କ ସହ ଧଉଳି ଥାନାରେ ପହଞ୍ଚି ପୁଅ ଆକାଶ କୁମାର ଜେନା (୨୫) ଫେସବୁକ୍‌ରେ ଏକ ଭିଡିଓ ପୋଷ୍ଟ କରି ମାନସିକ ଅବସାଦରେ ଥିବା ସହ ଆତ୍ମହତ୍ୟା କରିବାକୁ ଯାଉଥିବା ନେଇ ସୂଚନା ଦେଇଥିଲେ । ପୁଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତ୍ୱରିତ ପଦକ୍ଷେପ ନେଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଆକାଶ ବି.ଟେକ୍ ଶିକ୍ଷା ସମାପ୍ତ କରିବା ପରେ ଜଣେ ବଙ୍ଗୀୟ ଯୁବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ । ମାତ୍ର ଉଭୟ ପରିବାର ପକ୍ଷରୁ ବିବାହକୁ ସମ୍ମତି ନ ମିଳିବାରୁ ସେ ଦୀର୍ଘଦିନ ଧରି ମାନସିକ ଅବସାଦରେ ରହୁଥିଲେ । ୪ ଅଗଷ୍ଟ ଦିନ ସେ ଘରୁ କାହାକୁ କିଛି ନ କହି ବାହାରି ଯାଇଥିଲେ । ସନ୍ଧ୍ୟାରେ ତାଙ୍କର ଜଣେ ବନ୍ଧୁ ପରିବାରକୁ ଜଣାଇଥିଲେ ଯେ ଆକାଶ ଫେସବୁକ୍‌ରେ ଆତ୍ମହତ୍ୟା କରିବାକୁ ଯାଉଥିବା ସମ୍ପର୍କିତ ଭିଡିଓ ଅପଲୋଡ୍ କରିଛନ୍ତି । ଖବର ପାଇବା ମାତ୍ରେ ଧଉଳି ଥାନା ଆଇଆଇସି ସ୍ମୃତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏସଆଇ ରାଧାବଲ୍ଲଭ ବେହେରା, ଏଏସଆଇ ପ୍ରବୀର କୁମାର ଲେଙ୍କା ଓ ଓଏପିଏଫ୍ ଯବାନ ମହେନ୍ଦ୍ର କଣ୍ଡାଗରିଙ୍କ ସମେତ ପୁଲିସ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ମାନବୀୟ ଏବଂ ବୈଷୟିକ ସୂଚନାକୁ ଆଧାର କରି ପୁଲିସ ତାଙ୍କ ମୋବାଇଲ ନମ୍ବର ଟ୍ରାକ୍ କରିବା ସହ ପରିବାର ସଦସ୍ୟଙ୍କୁ ନେଇ ଖୋଜାଖୋଜି ଆରମ୍ଭ କରିଥିଲା । ପ୍ରଥମେ ତାଙ୍କ ମୋବାଇଲ ସ୍ୱିଚ୍ ଅଫ୍ ଥିବାରୁ ଅନ୍ୟ ଏକ ମୋବାଇଲ ନମ୍ବର ସଂଗ୍ରହ କରାଯାଇଥିଲା । ପରେ ମାନବୀୟ ଓ ବୈଷୟିକ ସୂଚନାକୁ ଆଧାର କରି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର ନିକଟସ୍ଥ ସାଜ୍ ହୋଟେଲରୁ ଆକାଶଙ୍କୁ ଠାବ କରାଯାଇଥିଲା । ଉଦ୍ଧାର ସମୟରେ ଆକାଶ ନିଜ ହାତକୁ ଏକ ଧାରୁଆ ଅସ୍ତ୍ରରେ କାଟି ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ଥିଲେ । ପୁଲିସ ତୁରନ୍ତ ତାଙ୍କୁ ଧଉଳି ଥାନାର ଗାଡ଼ିରେ କ୍ୟାପିଟାଲ ହସ୍ପିଟାଲକୁ ନେଇ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତରମାନେ ତାଙ୍କ ହାତରେ ସିଲେଇ କରି ଚିକିତ୍ସା କରିବା ପରେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି । ପୁଲିସର ତ୍ୱରିତ ପଦକ୍ଷେପ ଓ ସମୟୋପଯୋଗୀ ଉଦ୍ଧାର କାର୍ଯ୍ୟ ଫଳରେ ଜଣେ ଯୁବକଙ୍କ ଜୀବନ ବଞ୍ଚିଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ପୁଲିସର କାର୍ଯ୍ୟକୁ ପ୍ରଶଂସା କରାଯାଉଛି ।

## ବେଆଇନ ମୋରମ ଚାଲାଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ବେଆଇନ ମୋରମ ଚାଲାଣ ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସଂଜୟ ଦାସ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ କାଲି ଭରତପୁର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ଟିମ ନିଜ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଙ୍ଗ କରୁଥିବା ବେଳେ, ରାତି ପ୍ରାୟ ୧୧.୫୦ ସମୟରେ, ନୂଆଗାଁ ପଟୁ କଳିଙ୍ଗ ଷ୍ଟୁଡିଓ ଛକ ଆଡ଼କୁ ମୋରମ ମାଟି ବୋଝେଇ ଏକ ଟାଟା ହାଇୱା ଟ୍ରକ ଦ୍ରୁତ ଗତିରେ ଆସୁଥିବାର ଦେଖିବାକୁ ପାଇଥିଲେ । ସନ୍ଦେହ ହେବାରୁ ଗାଡ଼ିଟିକୁ ସମ୍ ମେଡିକାଲ୍ ଗୋଲେଇ ଛକ ନିକଟରେ ଅଟକାଯାଇ ଛାନଭିନ କରିଥିଲେ । ଡ୍ରାଇଭରଙ୍କୁ ମୋରମ ମାଟି ପରିବହନ ସମ୍ପର୍କିତ ବୈଧ କାଗଜପତ୍ର କିମ୍ବା ଚାଲାଣ ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେ କୌଣସି ଦଲିଲ ଦେଖାଇପାରି ନଥିଲେ । ପଚରାଉଚରା ବେଳେ, ଡ୍ରାଇଭର ନିଜର ନାମ ସଞ୍ଜୟ ଦାଶ (୪୫) ବୋଲି ପରିଚୟ ଦେଇଥିଲେ । ଅଧିକ ପଚରାଉଚରାରେ, ଠିକାଦାର ସୌମ୍ୟ ପ୍ରସାଦ ମହାରଥ ଏବଂ ଗାଡ଼ିର ମାଲିକ ବିଜୟ କୁମାର ମଲ୍ଲିଆଙ୍କ ନିର୍ଦ୍ଦେଶରେ ଏହି ମୋରମ ମାଟି ନୂଆଗାଁରୁ ସମ୍ ହସ୍ପିଟାଲ୍ ନିକଟକୁ ପରିବହନ କରାଯାଉଥିବା ପ୍ରକାଶ କରିଥିଲେ । ପୁଲିସ ଏହି ମାମଲାରେ ଅଭିଯୁକ୍ତ ଟ୍ରକ ଚାଳକ ସଞ୍ଜୟ ଦାଶଙ୍କୁ ଗିରଫ କରିବା ସହ ତାଙ୍କ ହେପାଜତରୁ ମୋରମ ଭର୍ତ୍ତି ହାଇୱା ଟ୍ରକକୁ ଜବତ କରିଥିଲେ ।

### କନଷ୍ଟେବଲ ସୌମ୍ୟ ହତ୍ୟାକାଣ୍ଡ ଘଟଣା

## ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର(ନି.ପ୍ର): ବାଲିଅନ୍ତା କନଷ୍ଟେବଲ ସୌମ୍ୟ ହତ୍ୟାକାଣ୍ଡ ଘଟଣାରେ କ୍ରାଇମବ୍ରାଞ୍ଚ କୋର୍ଟରେ ଚାର୍ଜସିଟ ଦାଖଲ କରିଛି । ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ଚାର୍ଜସିଟ ଦାଖଲ ହୋଇଛି । ୭୬୭ ପୃଷ୍ଠାର ଚାର୍ଜସିଟ ଦାଖଲ କରିଛି କ୍ରାଇମବ୍ରାଞ୍ଚ । ୧୧ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ ହୋଇଛି । ୯ଜଣ ଅଭିଯୁକ୍ତଙ୍କୁ ଚାର୍ଜସିଟରୁ ବାଦ ଦେଇଛି କ୍ରାଇମବ୍ରାଞ୍ଚ । ଏବେ ସୁଧା କିଛି ଅଭିଯୁକ୍ତ ଫେରାର ଥିବା ଚାର୍ଜସିଟରେ ଉଲ୍ଲେଖ ରହିଛି । ଏହି ମାମଲାରେ ପୂର୍ବରୁ ସମୁଦାୟ ୨୦ ଜଣଙ୍କୁ ଗିରଫ କରାଯାଇଥିଲା, ମାତ୍ର ସେମାନଙ୍କ ମଧ୍ୟରୁ କେବଳ ୧୧ଜଣଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ପର୍ଯ୍ୟାପ୍ତ ପ୍ରମାଣ ପାଇବାରେ ସଫଳ ହୋଇଛି । ଅନ୍ୟପକ୍ଷରେ, ଏହି ମାମଲାରେ ଗିରଫ ହୋଇଥିବା ଅବଶିଷ୍ଟ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ କ୍ଲିନ୍ ଚିଟ୍ ପ୍ରଦାନ କରାଯାଇଛି । ପୂର୍ବରୁ ସ୍ଥାନୀୟ ଥାନାରେ ଏହି ୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା, ମାତ୍ର କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ସେମାନଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନାହିଁ । ସୂଚନାଯୋଗ୍ୟ ଯେ ଗତ ମେ’୭ରେ ବାଲିଅନ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର କାଜ ନିକଟରେ ସୌମ୍ୟଙ୍କୁ ପିଟିପିଟି ଲୋକେ ହତ୍ୟା କରିଥିଲେ । ଏହି ଘଟଣାର ତଦନ୍ତ ପ୍ରଥମେ ପୁଲିସ କରିଥିଲା । ଏହି ମାମଲାରେ ଜନ ଅସନ୍ତୋଷ ଓ ପ୍ରାଥମିକ ତଦନ୍ତକୁ ନେଇ ପ୍ରଶ୍ନ ଉଠିବା ପରେ ତଦନ୍ତ ଭାର କ୍ରାଇମ ବ୍ରାଞ୍ଚକୁ ଦିଆଯାଇଥିଲା । ଏପରିକି ଏହି ଘଟଣାର ତଦନ୍ତ ଜାତୀୟ ମାନବ ଅଧିକାର ଆୟୋଗ ଦ୍ୱାରା ମଧ୍ୟ କରାଯାଉଛି ।

## ଶୁଦ୍ଧିକ୍ରିୟାକୁ ଯାଇଥିବା ବେଳେ ଘରେ କଳାକନା ବୁଲିଲା, ୨ ଗିରଫ

ଭୁବନେଶ୍ୱର(ନି.ପ୍ର):ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିବା ବେଳେ ଲୁଟେରାମାନେ ଘରେ କଳାକନା ବୁଲାଇଛନ୍ତି । ଏହି ଘଟଣାରେ ତମାଣ୍ଡୋ ଥାନା ପୁଲିସ ଦୁଇ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବିଶ୍ୱଜିତ ବେହେରା ଓରଫ ବାପୁ ଏବଂ ହନନ ନାୟକ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ସଂକଳ୍ପ ସୁହାଗ ଦାଶ ଓ ତାଙ୍କ ପରିବାର ଲୋକେ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ ଏବଂ ଘର ବନ୍ଦ ଥିଲା । ଏହାର ସୁଯୋଗ ନେଇ ଜଣେ ଦୁର୍ବୃତ୍ତ ପାଚେରି ଡେଇଁ ଘର ଭିତରେ ପଶି ଘରର ବିଭିନ୍ନ ଜିନିଷପତ୍ର ସହ ଟଙ୍କା ଚୋରି କରିନେଇଥିଲା । ଅଭିଯୋଗ ଆଧାରରେ ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ତମାଣ୍ଡୋ ପୋଲିସ ମୁଖ୍ୟ ଅଭିଯୁକ୍ତ ବିଶ୍ୱଜିତ୍ ବେହେରା ଓରଫ ବାପୁକୁ କାବୁ କରିଥିଲା ।

## ସାତଶଙ୍ଖ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଛି ମଦ ସେବା !

■ ଡାକ୍ତରଙ୍କ ବିରୋଧରେ ସଙ୍ଗୀନ୍ ଅଭିଯୋଗ ଆଣିଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ ■ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

ପିପିଲି(ନିପ୍ର): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷ ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତ ଓ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ସୁଚାରୁ ରୂପେ ଯୋଗାଇ ଦେଇଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଯାହାକି ଏହି ସେବାକୁ ନେଇ ଓଡିଶାବାସୀ ଧନ୍ୟବାଦ ସହ ମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ବିଭିନ୍ନ ଦିଗରୁ ସ୍ୱାଗତ ଛୁଟିଥିଲା । କିନ୍ତୁ ତାଙ୍କ ଅଧୀନରେ ସରକାରୀ ସ୍ତରରେ ଜିଲ୍ଲା ସ୍ତରୀୟ ଆରୋଗ୍ୟ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ଥିବା ଜନୈକ ଡାକ୍ତର ରୋଗୀ ସେବା ନକରି ମଦୁଆଙ୍କୁ ସେବା ଯୋଗାଇ ଦେବା ଭଳି ରୋଚକ ଘଟଣା ଆଲୋଚ୍ୟର ବିଷୟ ହୋଇଛି । ନିଯୁକ୍ତ ଥିବା ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଲୋକଲୋଚନକୁ ଆଣିଛନ୍ତି । ଯଦ୍ୱାରା ଡାକ୍ତରଙ୍କ କଳାକାରନାମା ବିଭିନ୍ନ ହ୍ୱାଟ୍‌ସପରେ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି । ଏଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ପୁରୀ ଜିଲ୍ଲା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସାତଶଙ୍ଖ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ । ସୂଚନା ଥାଉକି ସାତଶଙ୍ଖ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ନିଯୁକ୍ତ ଥିବା ଜନୈକ ଡାକ୍ତର ବିଭିନ୍ନ ସମସ୍ୟାରେ ବୁଡିଆଣୀ ସୁତା ଭଳି ଛନ୍ଦି ହୋଇ ଥିବା ବେଳେ ସେ ସମସ୍ତ କଳାକାରନାମା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭୁଆଁ ବୁଲାଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସରକାରୀ ଯନ୍ତ୍ରାଂଶ ଔଷଧ ନିଜ ପିପିଲି ଅଧୀନସ୍ଥ ବାସସ୍ଥାନଠାରେ କରିଥିବା କ୍ଲିନିକକୁ ନେଇ ନିଜର ବ୍ୟବସାୟ ବଢାଇବା ଲାଗି ପଡିଛନ୍ତି । ଏମିତିକି ଡାକ୍ତର ବାବୁ ତାଙ୍କ ଇଛାରେ ଡାକ୍ତରଖାନାକୁ ଆସନ୍ତି ନହେଲେ ଆସନ୍ତି ନାହିଁ । ଅଞ୍ଚଳର ଗର୍ଭବତୀ ମହିଳା, ନବଜାତ ଶିଶୁ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନେ ଭଗବାନଙ୍କୁ ଡାକି ପୁରୀ, ଭୁବନେଶ୍ୱର, କଟକ ଯାଇଥାନ୍ତି । ସେହିଭଳି ବାବୁଙ୍କ ଜ୍ଞାତସାରରେ ଡାକ୍ତରଖାନା ପରିସରରେ ଚୋରାମଦ କାରବାର ହେବା ଏବଂ ମଦ୍ୟପମାନେ ଅହରହ ବସି ମଦ୍ୟପାନ କରିବା ଭଳି ଅଭିଯୋଗମାନ ଆଲୋଚ୍ୟର ବିଷୟ ହୋଇଛି । ଏନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ଥିବା ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିରୋଧ କରିବା ସହିତ ଡାକ୍ତରଙ୍କୁ ବାରମ୍ବାର କହୁଥିବା ବେଳେ ଡାକ୍ତର ଜଣକ ଏ ଦିଗରେ ନଜର ନ ଦେଇ ମଦ୍ୟପଙ୍କୁ ପ୍ରୋତ୍ସାହନ ଦେଉଥିବା ନେଇ ଜଣେ କର୍ମଚାରୀ ନିଜ ମୁଖରେ ବଖାଣିଛନ୍ତି । ଏଦିଗରେ ମନ୍ତ୍ରୀ ଏବଂ ସଚିବ ଦୃଷ୍ଟିଦେଇ ସଂପୃକ୍ତ ଡାକ୍ତରଙ୍କ ସଂପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବା ସହ ଜିଲ୍ଲା ବାହାରକୁ ବଦଳି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

### ଘର ସ୍କାଇଲାଇଟ ଭାଙ୍ଗି ଟଙ୍କା, ସୁନା, ରୁପା ଅଳଙ୍କାର ଚୋରି

## ଜଣେ ଗିରଫ, ୮ ହଜାର ୬ ଶହ ଟଙ୍କା ଜବତ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଏକ ସ୍କାଇଲାଇଟ ଭାଙ୍ଗି ଟଙ୍କା, ସୁନା ରୁପା ଅଳଙ୍କାର ଚୋରି ଘଟଣାର ପର୍ଦାଫାସ କରି ଅଭିଯୁକ୍ତକୁ ଗିରଫ କରିବା ସହ ତା’ ନିକଟରୁ ୮ ହଜାର ୬ ଶହ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ମଧୁକଛ ପାଟଣାସାହିର କାହ୍ନୁ ଦେହୁରୀ (୧୯) । ମିଳିଥିବା ସୂଚନା ଅନୁଯାୟୀ ଗତ ରବିବାର ସନ୍ଧ୍ୟା ସାଢେ ସାତଟା ବେଳେ ମଧୁକଛ ଦପ୍ତରୀର ଲୋକମାନ ଖାନ ତାଙ୍କ ଘର ତାଲା ପକାଇ ନିକଟ ବଜାରକୁ କିଛି କିଣିବା ପାଇଁ ଯାଇଥିଲେ । ସେଠାରୁ ଫେରି ତାଲା ଖୋଲିବା ସମୟରେ ସ୍କାଇଲାଇଟ ମଧ୍ୟ ଦେଇ କାହ୍ନୁ ଖସି ଯାଉଥିବା ଦେଖିଥିଲେ ଓ ଘରେ ଥିବା ଆଲମିରା ତାଲା ଭଙ୍ଗା ଯାଇ ଖୋଲା ଥିବା ଦେଖିଥିଲେ । ତଲାସୀ ନେଇ ଆଲମିରାରୁ ୪୦ ହଜାର ଟଙ୍କା ଓ ସୁନା, ରୁପା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସେ ମଙ୍ଗଳବାର ଦିନ ଏନେଇ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ରୁଜୁ କରାଯିବା ପରେ ତଦନ୍ତ ଜାରି ରହିଥିଲା । ଘଟଣା ଘଟାଇବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ବୁଧବାର ଦିନ ଅଭିଯୁକ୍ତ ବୁଲୁଥିବାର ଖବର ପାଇ ପୋଲିସ ତାକୁ ଗିରଫ କରିଥିଲା ଓ ତା’ ନିକଟରୁ ୮ ହଜାର ୬ ଶହ ଟଙ୍କା ଜବତ କରିଥିଲା । ଅବଶିଷ୍ଟ ଟଙ୍କା ସେ କଟକରେ ଖର୍ଚ୍ଚ କରିଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଆକ୍ରମଣ ଓ ଅପହରଣ ଅଭିଯୋଗ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ଦୁର୍ଘଟଣା ପରେ ଆକ୍ରମଣ ଓ ଅପହରଣ ଅଭିଯୋଗରେ ଖଣ୍ଡଗିରି ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମହମ୍ମଦ ରଫିକ ଓରଫ ଗୁଡୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୟଦ ଅନ୍ୱର ଅଲ୍ଲୀ ପରିବାର ସାହା ଯଦୁପୁର ଅଞ୍ଚଳରେ ରୁହନ୍ତି । ଗତ ୨୫.୦୭.୨୦୨୬ ରାତି ପ୍ରାୟ ୧୧ଟା ସମୟରେ, ତାଙ୍କ ଭାଇ ଫାରୁକ୍ ତୁମଡୁମା ହାଉସିଂ ବୋର୍ଡ ମାର୍କେଟରୁ ସ୍କୁଟିରେ ଘରକୁ ଫେରୁଥିବା ବେଳେ, ଏକ ଅଜ୍ଞାତ କାର୍ ପଛରୁ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା । ଧକ୍କା ଫଳରେ ସେ ରାସ୍ତାରେ ପଡ଼ିଯାଇଥିଲେ । ଏହା ପରେ ହାଫିଜ୍ ଖାନ୍, ରାଜା ଖାନ୍, ଦୀପକ, ସଲିମ୍, ଅସଲମ୍ ଖାନ୍ ଏବଂ ଅନ୍ୟ ୩ରୁ ୪ ଜଣ ଅଜ୍ଞାତ ବ୍ୟକ୍ତି କାର୍‌ରୁ ଓହ୍ଲାଇ ମାରାତ୍ମକ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ । ପରେ ସେମାନେ ଜବରଦସ୍ତି ତାଙ୍କୁ କାର୍‌ରେ ବସାଇ ପିପିଲି ଅଞ୍ଚଳକୁ ନେଇଯାଇଥିଲେ । ଘଟଣା ପରେ ଏସ୍.କେ. କାମୋର୍ ଅଲ୍ଲି ନାମକ ଜଣେ ଯୁବକ ଖଣ୍ଡଗିରି ଥାନାକୁ ଏ ବାବଦରେ ସୂଚନା ଦେଇଥିଲେ । ଏହି ସୂଚନା ପାଇବା କ୍ଷଣି ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇଥିଲା ଏବଂ ସେହି ଟିମ ତୁରନ୍ତ ଘଟଣାସ୍ଥଳକୁ ଯାଇ ପିପିଲି ଅଞ୍ଚଳରୁ ଆହତ ଫାରୁକ୍‌ଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ । ଘଟଣାର ତଦନ୍ତ ବେଳେ, ଘଟଣାସ୍ଥଳ ନିକଟରେ ଥିବା ସିସିଟିଭି ଫୁଟେଜ୍ ସଂଗ୍ରହ ଓ ଯାଞ୍ଚ କରାଯାଇଥିଲା । ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଏକ କାର୍‌ରେ ଘଟଣାସ୍ଥଳକୁ ଆସି ଘଟଣା ଘଟାଇ ଥିଲେ । ଏହି ମାମଲାର ଅଧିକ ତଦନ୍ତ କାଳରେ ଆଜି ମହମ୍ମଦ ରଫିକ ନାମକ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଚଢଉ ଜରିଆରେ ତାଙ୍କ ଗାଁରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ସେ ଉପରୋକ୍ତ ମାମଲାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା: ଯୁବକ ଗିରଫ

ଆସିକା(ନିପ୍ର): ଆସିକା ଥାନା ଓ ଆସିକା ମ୍ୟୁନିସିପାଲଟି ଅଧୀନ ସୁନାମ୍ବ ସାହିର ଜଣେ ମହିଳାଙ୍କୁ ଉକ୍ତ ସାହିର ନୃସିଂହ ଚରଣ ପଟ୍ଟନାୟକ ନାମକ ଜଣେ ଯୁବକ ଦୁଷ୍କର୍ମ କରିଥିବା ଘଟଣା ମହିଳା ଜଣକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ କେସ ନମ୍ବର ୪୧୫/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ଆସିକା କୋର୍ଟରେ ହାଜର କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲକୁ ପଠାଇଛି । ପ୍ରକାଶ ଥାଉକି ଆସିକା ମ୍ୟୁନିସିପାଲଟି ଅଧୀନ ସୁନାମ୍ବ ସାହିର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ରୁହନ୍ତି । ମହିଳା ଜଣକ ଏକାକୀ ରହୁଥିବା ସମୟରେ ଉକ୍ତ ସାହିର ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକଙ୍କ ପୁଅ ନୃସିଂହ ଚରଣ ପଟ୍ଟନାୟକ (୩୩)ଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠେ । ବିବାହର ପ୍ରତିଶୃତି ଦେଇ ନୃସିଂହ ଉକ୍ତ ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ଦୀର୍ଘ ବର୍ଷ ଅନୈତିକ ସମ୍ପର୍କ ରଖି ଗର୍ଭପାତ ମଧ୍ୟ କରାଇଥିଲେ । ପରେ ମହିଳା ଜଣଙ୍କ ବିବାହ କରିବା ପାଇଁ ନୃସିଂହକୁ କହିବାରୁ ନୃସିଂହ ମନା କରିଦେଇଥିଲା । ମହିଳା ଜଣଙ୍କ ଆସିକା ଥାନାରେ ଦ୍ୱାରସ୍ଥ ହୋଇ ଏହି ଘଟଣା ବିଷୟରେ ଲିଖିତ ଅଭିଯୋଗ କରିବା ପରେ ଆସିକା ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ଉଭୟଙ୍କ ଡାକ୍ତରୀ ମଇନା ପରେ କୋର୍ଟ ଚାଲାଣ କରିଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ପୁଣି ଶ୍ରୀମନ୍ଦିରର ଭିତର ଭିଡିଓ ଭାଇରାଲ

ପୁରୀ(ନିପ୍ର): ପୁଣି ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ ହୋଇଛି । ନୀଳଚକ୍ର ପତିତପାବନ ବାନା ପରିବର୍ତ୍ତନ ସମୟରେ କରାଯାଇଛି ଭିଡିଓ । ଶ୍ରୀମନ୍ଦିର ଭିତର ବେଢ଼ାରୁ କରାଯାଇଛି ଭିଡିଓ । ସୋସିଆଲ ମିଡ଼ିଆ ଇନଷ୍ଟାଗ୍ରାମ ଆଇଡିରୁ ଭିଡିଓ ହୋଇଛି ଭାଇରାଲ । କୁର୍ତ୍ତିକାପକ୍ରେପ ୨୦୧୭ ନାମକ ଆଇଡିରୁ ଭିଡିଓ ଭାଇରାଲ କରାଯାଇଛି । ଶ୍ରୀମନ୍ଦିର ଭିତରକୁ ମୋବାଇଲ କିଭଳି ଗଲା ଏବଂ ଭିଡିଓ କିଭଳି ଉତ୍ତୋଳନ ହେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଶ୍ରୀମନ୍ଦିର ଭିତରେ ଶହ ଶହ ପୋଲିସ ମୁତୟନ ଥିବା ବେଳେ ଏହି ଭିଡିଓ ଉତ୍ତୋଳନ ବେଳେ ପୋଲିସ ନଜରକୁ କିଭଳି ଆସିପାରିଲାନି ସେ ନେଇ ପ୍ରଶ୍ନ ଉଠିଛି । ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ନିଷେଧ ରହିଛି । କୌଣସି ବ୍ୟକ୍ତି ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବାକୁ ନେଇ ଧରାପଡିଲେ ମୋବାଇଲ ଜବତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି । ଶ୍ରୀମନ୍ଦିର ଚାରି ଦ୍ୱାରରେ ପୋଲିସ ପକ୍ଷରୁ କଡ଼ା ଯାଞ୍ଚ କରାଯାଇ ଶ୍ରୀମନ୍ଦିର ଭିତରକୁ ଶ୍ରଦ୍ଧାଳୁଙ୍କୁ ଛଡା ଯାଉଛି । ହେଲେ ଅନେକ ସମୟରେ ଦେଖା ଦେଉଛି ସୋସିଆଲ ମିଡିଆରେ କିଛି ଲୋକ ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ କରୁଛନ୍ତି । ଏଣୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବାରେ କାହାର ହାତ ରହୁଛି ସେ ନେଇ ପ୍ରଶ୍ନ ଉଠିଛି । ଏହାର ବିଧିବଦ୍ଧ ତଦନ୍ତ କରାଯାଇ କଡା କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ରହିବ । ଏଣୁ ପୋଲିସ



ଘଟଣାର ତଦନ୍ତ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ କହିଛନ୍ତି, ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବାର ଖବର ଆମ ପାଖରେ ନାହିଁ । ତେବେ ଆପଣଙ୍କ ଠାରୁ ଏହି ଖବର ପାଇବା ପରେ ଏ ନେଇ ଆମେ ତଦନ୍ତ କରିବୁ । ଯାହା ଆଇନଗତ ଦିଗ ରହିଛି ସେ ନେଇ କାର୍ଯ୍ୟନୁଷ୍ଠାନ ହେବ । ଶ୍ରୀମନ୍ଦିର ସୁରକ୍ଷା କଡ଼ାକଡ଼ି ରହିଛି । ତେବେ ଭକ୍ତଙ୍କୁ ଆମେ ଅନୁରୋଧ କରୁଛୁ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଯାହା ଗାଇଡ ଲାଇନ ଅଛି ତାହା ପାଳନ କରନ୍ତୁ । ନ ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଡାକ୍ତର ଲୋଗୋ ଲଗାଇ ଦାମୀ ଗାଡ଼ିରେ ଗଞ୍ଜେଇ ଚାଲାଣ: ୬ ଅଟକ

ଟାଙ୍ଗୀ(ନିପ୍ର): ଜାତୀୟ ରାଜପଥ ପାଲଟିଛି ଧଳା ଜହର ଓ ଗଞ୍ଜେଇ ଚାଲାଣର ପେଣ୍ଠ ସ୍ଥଳ । ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ । ୬ଜଣ ଯୁବକ ଅଟକ । ଗୋଟିଏ ବୋଲେରୋ ଓ ଗୋଟିଏ ହୁଣ୍ଡାଇ କାର ଜବତ । ୧୬ ନମ୍ବର ଜାତୀୟ ରାଜପଥରେ ବୀର ଦର୍ପରେ ଚାଲିଥିଲା ଡାକ୍ତର ଲୋଗୋ ଲାଗିଥିବା ହୁଣ୍ଡାଇ କାର । ଗାଡି ଭିତରେ ଡାକ୍ତର ରୂପରେ ବସିଥିଲେ ଦୁଇ ଜଣ ଗଞ୍ଜେଇ ବେପାରୀ । କନ୍ଧମାଳ ବାଲିଗୁଡାରୁ ଗୋଟିଏ ପରେ ଗୋଟିଏ ଜିଲ୍ଲା ପାର କରି ଗାଡି ପ୍ରବେଶ କରିଥିଲା ଖୋରଧା ଜିଲ୍ଲାକୁ । ଟାଙ୍ଗୀ ପୋଲିସକୁ ପୂର୍ବରୁ ସୂଚନା ମିଳିବା ପରେ । ଟାଙ୍ଗୀ ଥାନା ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ପୋଲିସ ଗାଡି ଡାକ୍ତର ଷ୍ଟିକର ଲେଖା ଗାଡିକୁ କାବୁ କରିବା ସହ ତାକୁ ଏସ୍କଟ୍ ଦେଇଥିଲା ଆଉ ଏକ ବୋଲେରୋ ଗାଡିକୁ ମଧ୍ୟ ଟାଙ୍ଗୀ ପୋଲିସ କୁହୁଡି ଫାଣ୍ଡି ନିକଟରେ କାବୁ କରିବାରେ ହୋଇଥିଲା ସଫଳ । ଗାଡି ଦୁଇଟି କୁ ତନଖି କରିବା ପରେ ଡାକ୍ତର ଲୋଗୋ ଥିବା ଗାଡି ରୁ ୩୨ କେଜି ଗଞ୍ଜେଇ ଜବତ କରିଛି ଟାଙ୍ଗୀ ପୋଲିସ । ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗ ରେ ଏସକଟ ଦେଉଥିବା ବୋଲେରୋ ସହ ହୁଣ୍ଡାଇ କାର ଓ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳର ବାପିନା ମଲ୍ଲିକ(୨୩), ଦୀପକ ମଲ୍ଲିକ(୨୦), ପରୀକ୍ଷିତ ମଲ୍ଲିକ (୨୫), ସଂଜୀବ କୁମାର ମଲ୍ଲିକ (୩୯), ଜୟରାମ ପ୍ରଧାନ (୨୫), ଓ ସଦାନନ୍ଦ ମଲ୍ଲିକ (୨୭) ବର୍ଷ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

### ବିଦ୍ୟାଳୟରେ ବରିଷ୍ଠ ଛାତ୍ର କନିଷ୍ଠଙ୍କୁ ଅତ୍ୟାଚାର ଘଟଣା

# ବିଦ୍ୟାଳୟରେ ପ୍ରବଳ ଉତ୍ତେଜନା

ରାୟଗଡା(ନିପ୍ର ): ଗତକାଲି କୋଲନରଓ ବ୍ଲକ ରିଭଲକଣା ବିଦ୍ୟାଳୟରୁ ବରିଷ୍ଠ ଛାତ୍ର କନିଷ୍ଠ ଛାତ୍ରଙ୍କୁ ପିଟିବା ଘଟଣାରେ ବିଦ୍ୟାଳୟରେ ବୁଧବାର ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଛି । କନିଷ୍ଠ ଛାତ୍ରଙ୍କ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ବଦଳି ସହ ସମସ୍ତ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ବିଦ୍ୟାଳୟରେ ଉତ୍ତେଜନା ଲାଗିଥିବାରୁ ଘଟଣାସ୍ଥଳରେ ଚାନ୍ଦିଲି ଥାନା ଆଇଆଇସି ଉତ୍ତମ କୁମାର ସାହୁ, ଡିଡବ୍ଲ୍ୟୁ ଓ ଅସୀମା ରାଓ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଭାବକଙ୍କୁ ବୁଝାସୁଝା କରୁଛନ୍ତି । ଗତକାଲି ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ପରେ ଦଶମ ଶ୍ରେଣୀର ଛାତ୍ରମାନେ ବିଦ୍ୟାଳୟ ଛାଡି ନିକଟସ୍ଥ ପାହାଡ଼ ଉପରକୁ ଚାଲି ଯାଇଥିବା ସୂଚନା ମିଳିଛି । ଅପରପକ୍ଷରେ ଦଶମ ଛାତ୍ରମାନେ ତଳ ଶ୍ରେଣୀର ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବା ସହ ସେମାନଙ୍କ ଲୁଗାପଟା ସଫା କରାଇବା ସହ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଯୋଗ କରିଛନ୍ତି । ଘଟଣାସ୍ଥଳକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା



ଉକ୍ତ ବିଦ୍ୟାଳୟରେ ଆଲୋଚନା ପାଇଁ ଯାଇଥିବା ଜଣାପଡିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଏବଂ ପଛୁଆବର୍ଗ ବିକାଶ ଓ ଉନ୍ନୟନ ବିଭାଗ (ମଙ୍ଗଳ) ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ଦିନକୁ ଦିନ ହିଂସାତ୍ମକ ଆଚରଣ ବୃଦ୍ଧି ପାଉଛି । ଗତକାଲି ରାୟଗଡା ଜିଲ୍ଲାରୁ ଆସିଥିବା ଛାତିଥରା ଦୃଶ୍ୟରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରମାନଙ୍କୁ ପିଟିବା ଭଳି ଭିଡିଓ ସାମ୍ନାକୁ ଆସିଥିଲା । କୈଣସି କାରଣକୁ ନେଇ ରାୟଗଡା ଜିଲ୍ଲା କୋଲନରା ବ୍ଲକ ରିଭଲକଣା ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ୯ମ ଶ୍ରେଣୀର ଛାତ୍ରଙ୍କୁ ନଡିଆ ବାହୁଙ୍ଗା ଓ ବାଡିରେ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ପିଟୁଥିଲେ । ଏହି ଘଟଣା ୨ଦିନ ତଳର ହୋଇଥିବା ବେଳେ ଗତକାଲି ସାମ୍ନାକୁ ଆସିଥିଲା । ବିଦ୍ୟାଳୟର ଜଣେ ଛାତ୍ର ନବମ ଶ୍ରେଣୀର ୨୦ରୁ ଊର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀଙ୍କୁ ନଡିଆ ବାହୁଙ୍ଗା ଓ ବାଡ଼ିରେ ନିର୍ଘୁମ୍ ମାଡ଼ ମାରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲ । ସୂଚନା ଅନୁଯାୟୀ, ନବମ ଶ୍ରେଣୀର କିଛି ଛାତ୍ର ସମ୍ପୃକ୍ତ ଛାତ୍ର ଓ ଅନ୍ୟ ଛାତ୍ରଙ୍କ ବିରୋଧରେ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ଶିକ୍ଷକ ସମ୍ପୃକ୍ତ ଛାତ୍ରଙ୍କୁ ତାଗିଦ୍ କରିଥିବା କୁହାଯାଉଛି । ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଓ ତାଙ୍କର କିଛି ସହପାଠୀ ମିଶି ଗତ ରବିବାର ରାତିରେ ନବମ ଶ୍ରେଣୀର ୨୦ରୁ ଊର୍ଦ୍ଧ୍ୱ ହଷ୍ଟେଲ ଅନ୍ତେବାସୀଙ୍କୁ ଅମାନବୀୟ ଭାବେ ମାଡ଼ ମାରୁଥିବା ଦେଖିବାକୁ ମିଳିଥିଲା । ଏନେଇ ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱରେ ରହିଥିବା ଡମ୍ବରୁଧର ତ୍ରିପାଠୀ ସୂଚନା ପ୍ରଦାନ କରି କହିଛନ୍ତି ଉକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବା ସହ ଥାନାରେ ଏଫଆଇଆର ଦିଆଯାଇଛି । ଘଟଣା ସଂପର୍କରେ ଖବର ପାଇ କୋଲନରା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦେବାଶିଷ ମୁଣ୍ଡ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ପୁଲିସ ଟିମ ତଦନ୍ତ ପାଇଁ ଯାଇଥିବା ବେଳେ ୭ ଜଣ ଛାତ୍ର ନିଖୋଜ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଚାରି ଛାତ୍ରଙ୍କୁ ବୁଝାସୁଝା କରି ଫେରାଇ ଆଣିଥିବାବେଳେ ୩ ଛାତ୍ର ଏବେ ବି ନିଖୋଜ ଅଛନ୍ତି । ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏଭଳି ଘଟଣା ବାରମ୍ବାର ହେଉଥିବାରୁ ମଙ୍ଗଳ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବଣୁଆ ଘୁଷୁରି ଉଦ୍ଧାର

ପିପିଲି(ନିପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ପିପିଲି ଥାନା ଅନ୍ତର୍ଗତ କୁଅଁରପୁରଠାରେ ପାନୀୟ ଜଳ ପ୍ରକଳ୍ପ କୁଣ୍ଡରେ ଫସିଥିବା ଏକ ବଣୁଆ ଘୁଷୁରୀକୁ ଉଦ୍ଧାର କରିଛି ସ୍ଥାନୀୟ ବନ ବିଭାଗ । ଘୁଷୁରୀକୁ ଉଦ୍ଧାର ପରେ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ଜଙ୍ଗଲରେ ଛାଡ଼ି ଦିଆଯାଇଛି । ସୂଚନା ମୁତାବକ ବାୟାବର - ଖେଳାର ମୁଖ୍ୟ ରାସ୍ତାର କୁଅଁରପୁର ଠାରେ ରାସ୍ତା ପାର୍ଶ୍ୱରେ ଏକ ବଣୁଆ ଘୁଷୁରୀକୁ ଖେଳାର ହାଟରୁ ଫେରୁଥିବା କିଛି ଲୋକ ଦେଖିଥିଲେ । ଲୋକମାନଙ୍କୁ ଦେଖି ଘୁଷୁରୀଟି



ଦୌଡ଼ି ଯାଇ ରାସ୍ତା ପାର୍ଶ୍ୱରେ ଥିବା ପାନୀୟ ଜଳ ପ୍ରକଳ୍ପ କୁଣ୍ଡ ଭିତରେ ପଡ଼ି ଯାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଘୁଷୁରୀଟି ତା ଭିତରୁ ବାହାରକୁ ବାହାରିବାକୁ ଚେଷ୍ଟାକରି ବିଫଳ ହୋଇଥିଲା । ସ୍ଥାନୀୟ ଲୋକେ ନିମାପଡା ବନ ବିଭାଗକୁ ଜଣାଇବା ପରେ ଫରେଷ୍ଟ ଗାର୍ଡ ଗୀତାଞ୍ଜଳି ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘୁଷୁରୀକୁ ଉଦ୍ଧାର କରିଥିଲେ । ସୂଚନା ମୁତାବକ ବଣୁଆ ଘୁଷୁରୀ ନିକଟସ୍ଥ ଧନୁଆ ନଦୀ ପଠାରେ ଥିବା ଜଙ୍ଗଲିଆ ସ୍ଥାନରେ ରହୁଥିବା ବେଳେ ରାତିରେ ବିଭିନ୍ନ ଗ୍ରାମକୁ ଆସି ଫସଲ ନଷ୍ଟ କରୁଥିବାରୁ ସେମାନଙ୍କୁ ଧରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।



ଗୋପାଳପୁର ସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ମାରକୀ ପ୍ରଦାନ କରୁଛନ୍ତି

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ପୁନଃ ତଦନ୍ତ ଦାବି କଲା ବିଶ୍ୱ ହିନ୍ଦୁ ପରିଷଦ



ଭୁବନେଶ୍ୱର, ୫/୮(ନିପ୍ର): ସିଏମଓରୁ ନାଇଡୁ ତଦନ୍ତ କମିଶନ ଫାଇଲ୍ ଗାୟବ ଘଟଣାରେ ପ୍ରତିକ୍ରିୟା ରଖିଛି ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି)। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ହିନ୍ଦୁ ପରିଷଦ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ଦାବି କରିଛି। ଭିଏଚପି କହିଛି ଫାଇଲ ହଜିବା ଘଟଣାରେ ସରକାରଙ୍କ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶକୁ ଆମେ ସ୍ୱାଗତ କରୁଛୁ। ମାତ୍ର କ୍ରାଇମବ୍ରାଂଚକୁ ତଦନ୍ତ ଦାୟିତ୍ୱ ଦେଇ ସରକାର ବସି ପଡ଼ିଲେ ଚଳିବନି। ସରକାରଙ୍କୁ ଏହି ତଦନ୍ତ ପ୍ରକ୍ରିୟାକୁ ଫଲୋ କରିବାକୁ ପଡ଼ିବ। ଯେପରି ରେଜଲ୍ଟ ଆସିବ, ପ୍ରକୃତରେ ଯିଏ ଦୋଷୀ ଦଣ୍ଡ ପାଇବ। ସମଗ୍ର ସମାଜ ସାମ୍ନାରେ ଦଣ୍ଡ ଦେବାକୁ ଆମେ ଦାବି କରୁଛୁ। ଏହାସହ ଭିଏଚପି ଅଭିଯୋଗ କରିଛି ଯେ ପୂର୍ବର ବିଧର୍ମୀ ସରକାର ଷଡ଼ଯନ୍ତ୍ର କରି ସ୍ୱାମୀଜୀଙ୍କୁ ହତ୍ୟା କରିଥିଲା। ହତ୍ୟା କରି ମନ ବୁଝିଲାନି ଶେଷରେ କମିଶନ ରିପୋର୍ଟକୁ ଗାୟବ କରି ଦିଆଗଲା। ଯଦି ହତ୍ୟାରେ ସମ୍ପୃକ୍ତି ନାହିଁ, ତାହେଲେ କାହିଁକି ଫାଇଲ୍ ଗାୟବ କଲ ? ସ୍ୱାମୀଜୀଙ୍କ ତ୍ୟାଗ, ବଳୀଦାନ କେବେ ବୃଥା ଯିବ ନାହିଁ।

## ୨୫୧ କେଜି ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି, ୫।୮(ନିପ୍ର): ଗଜପତି ଜିଲ୍ଲାର ଆର୍.ଉଦୟଗିରି ଥାନା ପୁଲିସ ବୁଧବାର ଏକ ବଡ଼ ଧରଣର ଗଞ୍ଜେଇ ଚୋରାଚାଲାଣ ଉପରେ ଚଢ଼ାଉ କରି ୨୫୧ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଆର ଉଦୟଗିରି ଥାନାରେ କେସ୍ ନମ୍ବର ୧୪୩/୨୦୨୬ରେ ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(ସସ)(ସି) ଅନୁଯାୟୀ ମାମଲା ରୁଜୁ କରାଯାଇଛି।

## ହତ୍ୟା ପରେ ଶବ ପୋଡ଼ି ଗୁଜବ

ତରଭା,୫।୮(ନିପ୍ର)ତରଭା ଥାନା ଅଧିନସ୍ଥ ସିଂଢୋଲ ଗ୍ରାମର ଜଣେ ଯୁକ୍ତ-୨ ପ୍ରଥମ ବର୍ଷର ନାବାଳିକାକୁ ହତ୍ୟା ପରେ ତେଲନଦୀ କୂଳରେ ପୋଡି ଦିଆଯାଇଥିବା ଗୁଜବ ହେଉଛି।ଏସମ୍ବନ୍ଧେ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକଙ୍କୁ ପଚାରିବାରୁ ନାବାଳିକାର ପରିବାର କିମ୍ବା ଗାଁ ଲୋକଙ୍କ ତରଫରୁ କୌଣସି ଅଭିଯୋଗ ହୋଇନାହିଁ।ଗୁଜବକୁ ନେଇ ପୁଲିସ ତଦନ୍ତ ଚଳାଇଛି ବୋଲି କହିଥିଲେ।


## EXPRESSION OF INTEREST(EOI)

The Branch Manager, NCCF of India Ltd., Bhubaneswar invites bids/ offers under bid systems (Technical/ Financial) from eligible and experienced contractors/ agencies **for the proposed of Redevelopment and upgradation of the existing Theme Park at Sundergard** in the state of Odisha. Please visit website www.nccfindia.com for detailed information. For any future queries please contact to 9899565357.

Branch Manager, NCCF, BBSR
Dt.06 /08/2026


### ପାଠ୍ୟପୁସ୍ତକ ତ୍ରୁଟି ଘଟଣା

## ମନୋଜ ପାଢ଼ୀଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୫।୮(ନିପ୍ର) : ସ୍କୁଲ ପାଠ୍ୟ ପୁସ୍ତକ ତ୍ରୁଟି ମାମଲାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ସର୍ତ୍ତ ମୂଳକ ଜାମିନ ପ୍ରଦାନ କରାଯାଇଛି। କଟକ ସ୍ୱତନ୍ତ୍ର ଏସସି/ଏସ୍‌ଟି କୋର୍ଟ ଏହି ଜାମିନ ପ୍ରଦାନ କରିଛନ୍ତି । ଅଭିଯୁକ୍ତ କ୍ରାଇମବ୍ରାଞ୍ଚ ତଦନ୍ତରେ ସହଯୋଗ କରିବେ, ଓଡିଶା ଛାଡି ବାହାରକୁ ଯିବେ ନାହିଁ, ଆବଶ୍ୟକ ହେଲେ ତାଙ୍କର ପାସପୋର୍ଟ ଦାଖଲ କରିବେ। ବାହାରକୁ ଗଲେ କୋର୍ଟଙ୍କ ଅନୁମତିରେ ହିଁ ଯିବେ। ମାମଲାର ସାକ୍ଷୀ ଓ ବିଭାଗର ଅଧିକାରୀଙ୍କୁ ପ୍ରଭାବିତ କରିବେ ନାହିଁ ବୋଲି କୋର୍ଟ ପକ୍ଷରୁ ସର୍ତ୍ତ ରଖାଯାଇଛି। ପାଠ୍ୟପୁସ୍ତକରେ ଏକାଧିକ ତ୍ରୁଟିକୁ ନେଇ ରାଜ୍ୟବ୍ୟାପୀ ବିବାଦ ସୃଷ୍ଟି ହେଲା ପରେ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ତଦନ୍ତ ଆରମ୍ଭ ହେବା ପରେ କ୍ରାଇମବ୍ରାଞ୍ଚ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଗତ ମାସ ୧୪ ତାରିଖର ଗିରଫ କରିଥିଲା।

## ରାୟଗଡ଼ ଜିଲ୍ଲା ପ୍ରଶାସନ ଓ ଏମସିଏଲ୍ ମଧ୍ୟରେ ଏମଓୟୁ ସ୍ୱାକ୍ଷର




ରାୟଗଡ, ୫/୮(ନିପ୍ର): ରାୟଗଡ଼ ଜିଲ୍ଲାର ଦୁର୍ଗମ ପିଭିଟିଜି ଅଞ୍ଚଳରେ ସର୍ବକାଳୀନ ପକ୍କା ସଡ଼କ ସଂଯୋଗ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନଙ୍କ 'ଆମ ରାସ୍ତା-୨୦୨୫-୨୬' ପଦକ୍ଷେପକୁ ଆଉ ଏକ ବଡ଼ ସଫଳତା ମିଳିଛି। ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତା ରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଏମସିଏଲ ଜେନେରାଲ ମ୍ୟାନେଜର ଜ୍ୟୋତିର୍ମୟ ସିହ୍ନା, ଜିଲ୍ଲା ମୁଖ୍ୟ ଉର୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଣ୍ଠିରୁ ମୁନିଗୁଡ଼ା ବ୍ଲକର ଗ୍ରାମୀଣ ସଡ଼କ ନିର୍ମାଣ ପାଇଁ ୧୦,୨୯,୩୬,୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନକୁ ଅନୁମୋଦନ କରିଛି।

## ଉପକୂଳ ଜାତୀୟ ରାଜପଥ ପାଇଁ ସାଇଟ ପରିଦର୍ଶନ

ପୁରୀ, ୫/୮(ନିପ୍ର): ବହୁ ପ୍ରତିକ୍ଷିତ ଉପକୂଳ ଜାତୀୟ ରାଜପଥ ନିର୍ମାଣ ପାଇଁ ସର୍ଭେ ଓ ସାଇଟ ପରିଦର୍ଶନ କାର୍ଯ୍ୟ ଯୋରସୋରରେ ଆଗେଇ ଚାଲିଛି । ଖୋର୍ଦ୍ଧା ଜିଲ୍ଲା ବଡପୋଖରିଆ, ପୁରୀ ଜିଲ୍ଲାର ବ୍ରହ୍ମଗିରି-ପୁରୀ କୋଣାର୍କ ଅଞ୍ଚଳରେ କେତେ ଜଙ୍ଗଲ ଜମି ଅଧିଗ୍ରହଣ ହେବ ସେ ସମ୍ପର୍କରେ ଗ୍ରାଉଣ୍ଡ ଜିରୋରୁ ଅନୁଧ୍ୟାନ କରୁଛନ୍ତି ଅଧିକାରୀ ।

## ବିନା ଦୋଷରେ ୨୨ ବର୍ଷ ଜେଲ

ଭୁବନେଶ୍ୱର,୫।୮: ୨୦୦୪ ମସିହାରେ କୋରାପୁଟରେ ଘଟିଥିବା ଏକ ଟ୍ରିପଲ୍ ହତ୍ୟା ମାମଲାରେ ପ୍ରାୟ ୨୨ ବର୍ଷ ଜେଲରେ ଥିବା ଓଡ଼ିଶାର ଜଣେ ବ୍ୟକ୍ତିଙ୍କୁ ଦୋଷ ମୁକ୍ତ କରିଛନ୍ତି। ସୁପ୍ରିମକୋର୍ଟ ବୁଧବାର ସଂପୃକ୍ତ ବ୍ୟକ୍ତିଙ୍କ ଦୋଷ 'ଦୁର୍ବଳ ଏବଂ ଅତ୍ୟନ୍ତ ଅବିଶ୍ୱସନୀୟ' ପ୍ରମାଣ ଉପରେ ଆଧାରିତ ବୋଲି ରାୟ ଦେଇଛନ୍ତି। ବିଚାରପତି ଏସ.କେ. ସିଂହ, ଜେ.ବି. ପାରଡିୱାଲା ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ତିନିଜଣିଆ ଖଣ୍ଡପୀଠ ତଦନ୍ତ ଏବଂ ମାମଲା ପରିଚାଳନାକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ବିଶ୍ୱସନୀୟ ପ୍ରମାଣ ବିନା ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜଣେ ବ୍ୟକ୍ତିଙ୍କ ସମୟ ଛଡ଼ାଇ ନିଆଯାଇଛି। କୋର୍ଟ କହିଛନ୍ତି ଯେ କେବଳ ସନ୍ଦେହ ଉପରେ ଆଧାରିତ ଗିରଫଦାରି, ସ୍ୱୀକାରୋକ୍ତି ହାସଲ କରିବା ପାଇଁ ତୃତୀୟ-ଡିଗ୍ରୀ ପଦ୍ଧତି ବ୍ୟବହାର କରିବା ସହିତ ଜଡିତ, ନ୍ୟାୟର ମୌଳିକ ନୀତିକୁ ଉଲ୍ଲଂଘନ କରେ।

## ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା

ପୁରୀ, ୫/୮(ନିପ୍ର): ଚଳିତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ପୁରୀ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସର୍କିଟ ହାଉସଠାରେ ବନ୍ୟା ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ପୂଜାରୀ କ୍ଷତିଗ୍ରସ୍ତଙ୍କ ସହ ସରକାର ଦୃଢତାର ସହ ଛିଡା ହୋଇଛନ୍ତି ବୋଲି କହିଥିଲେ। ସରକାର କ୍ଷୟକ୍ଷତିର ତଥ୍ୟ ଆସିବା ପୂର୍ବରୁ ପ୍ରାଥମିକ ଭାବେ କ୍ଷତିଗ୍ରସ୍ତ ଜିଲ୍ଲାକୁ ୧୧୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପୂର୍ଣ୍ଣାଙ୍ଗ ରିପୋର୍ଟ ପରେ ଆବଶ୍ୟକ ପଡିଲେ ଆହୁରି ଅଧିକ ଅର୍ଥ ଦିଆଯିବ। ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତଙ୍କୁ ସହାୟତା ପ୍ରଦାନରେ ଅର୍ଥ ବାଧକ ନୁହେଁ ବୋଲି ଶ୍ରୀ ପୂଜାରୀ କହିଥିଲେ। ମୁଣ୍ଡୁଳି ପାଖରେ ୧୨ ଲକ୍ଷ କ୍ୟୁସେକ ପାଣି ହେଲେ ମଧ୍ୟ ଯେପରି ନଦୀ ଗୁଡିକ କ୍ଷତିଗ୍ରସ୍ତ ହେବ ନାହିଁ ତାହାର ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି। ଅତିରିକ୍ତ ବର୍ଷା ଯୋଗୁ ହୋଇଥିବା ଚଳିତ ବନ୍ୟା ଦ୍ୱାରା ରାଜ୍ୟର ସମସ୍ତ ନଦୀରେ ବନ୍ୟା ଆସିଛି। ଏହା ଏକ ବିରଳ ଘଟଣା। କ୍ଷୟକ୍ଷତିର ଆକଳନ ପାଇଁ ସମସ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଯୁଗ୍ମ ତଦନ୍ତ ମାଧ୍ୟମରେ ଖୁବଶିଘ୍ର ସେହି ରିପୋର୍ଟ ଆଧାରରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ।

### ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ

## 'ସଠିକ୍ ସୂଚନା ହିଁ ସରକାର ଓ ଜନତାଙ୍କ ମଧ୍ୟରେ ବିଶ୍ୱାସର ଆଧାର'



ସାଲେପୁର, ୫/୮(ନିପ୍ର): ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁବନ୍ଧନ ଭାବେ ଗଣମାଧ୍ୟମର ଭୂମିକାକୁ ଆହୁରି ସୁଦୃଢ଼ କରିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଗୁଡ଼ିକର ସଠିକ୍ ଓ ପ୍ରଭାବୀ ପ୍ରଚାର-ପ୍ରସାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି କଟକ ଜିଲ୍ଲାର ସାଲେପୁରଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଅଧକ୍ଷତା କରି ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ, ବର୍ତ୍ତମାନର ସୂଚନା ଯୁଗରେ ପ୍ରଭାବୀ ଯୋଗାଯୋଗ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସେତୁ। ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ସ୍ପଷ୍ଟ, ବିଶ୍ୱସନୀୟ ଏବଂ ଦାୟିତ୍ୱବୋଧ ସହିତ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକମାନେ କେବଳ ସୂଚନାର ବାହକ ନୁହନ୍ତି, ବରଂ ସରକାର ଓ ସମାଜ ମଧ୍ୟରେ ଫଳପ୍ରଦ ସଂଳାପ ସୃଷ୍ଟି କରିବାର ଅନ୍ୟତମ ମାଧ୍ୟମ ବୋଲି ସେ କହିଥିଲେ। ଯୋଗାଯୋଗରେ ସ୍ୱଚ୍ଛତା, ସମ୍ବେଦନଶୀଳତା ଏବଂ ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ଉଲ୍ଲେଖ କରି ସେ କହିଥିଲେ, ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଠିକ୍ ସୂଚନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଦିଗରେ ଗଣମାଧ୍ୟମର ଗଠନମୂଳକ ସହଯୋଗ ଅପରିହାର୍ଯ୍ୟ। 'ବାର୍ତ୍ତାଳାପ' ଭଳି କାର୍ଯ୍ୟକ୍ରମ ସରକାର ଓ ଗଣମାଧ୍ୟମ ମଧ୍ୟରେ ଫଳପ୍ରଦ ମତବିନିମୟର ସୁଯୋଗ ସୃଷ୍ଟି କରିବା ସହ ଜନସାଧାରଣଙ୍କ ନିକଟରେ ବିକାଶମୂଳକ ସୂଚନାକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

## ନୂଆଦିଲ୍ଲୀରେ ଦୁଇଦିନିଆ ନିବେଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୮: ଓଡ଼ିଶା ସରକାର ଶିଳ୍ପ ସହଭାଗୀତାକୁ ଆହୁରି ଘନିଷ୍ଠ କରିବା ଏବଂ ଉଚ୍ଚ ମୂଲ୍ୟର ନିବେଶକୁ ଆକର୍ଷିତ କରିବା ପାଇଁ ନିରନ୍ତର ପ୍ରୟାସର ଅଂଶ ସ୍ୱରୂପ ଅଗଷ୍ଟ ୭ରୁ ନୂଆଦିଲ୍ଲୀରେ ଦୁଇ ଦିନିଆ ନିବେଶ କାର୍ଯ୍ୟକ୍ରମ ଆୟୋଜନ କରିବେ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀ ଦିଲ୍ଲୀରେ ଏହି ରୋଡଶୋର ନେତୃତ୍ୱ ନେବାର କାର୍ଯ୍ୟକ୍ରମ ରହିଛି। ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସାମିଲ ହେବେ।

## ୨ କର୍ମଚାରୀ ଭିଜିଲାନ୍ସ ଦ୍ୱାରା ଗିରଫ

ରାଉରକେଲା, ୫/୮(ନିପ୍ର): ଦୁଇଟି ନିଲାମ ହୋଇଥିବା ଟ୍ରକର ନୂଆ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ୨୬,୦୦୦ ଟଙ୍କା ଲାଞ୍ଚ ନେଉଥିବା ଅଭିଯୋଗରେ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଦୁଇ କର୍ମଚାରୀଙ୍କୁ ଓଡିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଅର୍ଥାତ୍ ୨୦୨୬ ଅଗଷ୍ଟ ୫ ତାରିଖର କିଛି ସମୟ ପୂର୍ବରୁ, ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଡିଲିଂ କ୍ଲର୍କ-କମ୍-ନାଇଟ୍ ୱାଚର ନିରଞ୍ଜନ ଷଣ୍ଢ ଏବଂ ଆଇଟି ଏକଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରାଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ରାଉରକେଲା ଭିଜିଲାନ୍ସ ଥାନା ମାମଲା ନଂ. ୭ ତାରିଖ, ୦୫.୦୮.୨୦୨୬ ୟୁ/ଏସ୍. ୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନୁସାରେ ରେଜିଷ୍ଟ୍ରି କରାଯାଇଛି।


32001/650/2627 E-mail: mi2_exe.engr@yahoo.co.in
Ph.No. 0680-2290475

**OFFICE OF THE SUPERINTENDING ENGINEER**
**MINORIRRIGATION DIVISION, GANJAM-II, BERHAMPUR.**
**GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No: GMID-II/03/2026-27**
Ltr No 2955 Date O1. 08.2026

| | |
|---|---|
| Name of work | : Civil Construction Works |
| No. of works | : 20 (Twenty) Nos. |
| Estimated cost: | : Rs. 4.09 lakh to Rs. 68.33 lakh. |
| Tender paper cost | : Rs 10,000.00 (for estimated cost above 50.00 Lakh)<br>Rs 6,000.00 (for estimated cost below 50.00 Lakh)<br>Rs. 4000.00 (for estimated cost below 10.00 lakh)<br>Rs. 2000.00 (for estimated cost below 5.00 lakh) |
| Period of completion<br>Class of Contractor | : 03 (three) to 06 (Six) calendar months.<br>"D"." C" & 'B' |
| Availability of bid documents | : From 07.08.2026 at 10.00 AM to 18.08.2026 up to 5.00 PM in website (www.tendersorissa.gov.in) |
| Period of Receipt of bid through on Line | : From 07.08.2026 at 10.00 AM to 18.08.2026 up to 5.00 PM Through On- Line |
| Mode of Payment | : Online. |
| Date of opening of bid documents | : 19.08.2026 at 11.30 AM<br>(For double cover system Technical Bid shall be opened on dtd. 19.08.2026 & Financial Bid on dtd. 21.08.2026) |
| Digital signature certificate of Bidder | : The bidder must possess compatible digital signature Certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | |
|---|---|
| Name & Address of the OIT | : Superintending Engineer, M.I.Division, Ganjam-II<br>In front of DepaulSchool, Engineering school road<br>Berhampur, Dist-Ganjam<br>PIN-760010.<br>**E-mail: mi2_exe.engr@yahoo.co.in** |
| Further details can be seen from the E-Procurement market place. | : http://tendersorissa.gov.in |

*Sd/- Superintending Engineer*
*M.I Division, Ganjam-II Berhampur*
**OIPR 32001/32043/1/26-27/0005**






**ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟ, ଗୁଣପୁରର B.Sc.(Hons) Agriculture ପାସ କଲା ପରେ କେଉଁ କ୍ଷେତ୍ରରେ କେଉଁ ଚାକିରୀ ପାଉଛନ୍ତି, ଆମ ଛାତ୍ରଛାତ୍ରୀ ମାନେ**

| Sector | Typical Positions |
|---|---|
| ସରକାର | କୃଷି ଅଧିକାରୀ (AO), ସହକାରୀ କୃଷି ଅଧିକାରୀ, କୃଷି ବିକାଶ ଅଧିକାରୀ (ADO), ବ୍ଲକ୍ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ମଞ୍ଜି ପ୍ରମାଣୀକରଣ ଅଧିକାରୀ, ସମ୍ପ୍ରସାରଣ ଅଧିକାରୀ, ଓଡିଶା ସିଭିଲ services |
| ବ୍ୟାଙ୍କିଂ | କୃଷି କ୍ଷେତ୍ର ଅଧିକାରୀ (IBPS AFO), ଗ୍ରାମୀଣ ବିକାଶ ଅଧିକାରୀ, ଋଣ ଅଧିକାରୀ, କୃଷି ଆର୍ଥିକ ଅଧିକାରୀ, ନାବାର୍ଡ (NABARD) ଅଧିକାରୀ (ଗ୍ରେଡ୍ A/B ଅଧିକାରୀ) |
| ଗବେଷଣା | ICAR ଅନୁଷ୍ଠାନ, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ଓ କୃଷି ବିଜ୍ଞାନ କେନ୍ଦ୍ର (KVK) ଗୁଡ଼ିକରେ ଟେକ୍ନିକାଲ୍ ଅଫିସର, ଗବେଷଣା ସହାୟକ (Research Assistant) ଓ ପ୍ରୋଜେକ୍ଟ ଆସୋସିଏଟ୍; ତଥା ଜୁନିୟର/ସିନିୟର ରିସର୍ଚ୍ଚ ଫେଲୋ (JRF/SRF) |
| ସାର୍ବଜନୀନ କ୍ଷେତ୍ର | ଫୁଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (FCI), ନ୍ୟାସନାଲ୍ ସିଡ୍ସ କର୍ପୋରେସନ୍ (NSC), କଟନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (CCI), ରାଜ୍ୟ ବିହନ ନିଗମ ଏବଂ ଗୋଦାମ ନିଗମ ଭଳି ସଂସ୍ଥାଗୁଡ଼ିକରେ ଚାକିରି। |
| ବେସରକାରୀ କ୍ଷେତ୍ର | ଶସ୍ୟ ବିଶେଷଜ୍ଞ, ବୈଷୟିକ ଅଧିକାରୀ, କ୍ଷେତ୍ର ଅଧିକାରୀ, ଅଞ୍ଚଳ ପରିଚାଳକ, ଫସଲ ପରାମର୍ଶଦାତା, ଉତ୍ପାଦନ କାର୍ଯ୍ୟନିର୍ବାହୀ, କୃଷି ଫାର୍ମ ପରିଚାଳକ, କୃଷି-ବ୍ୟବସାୟ ପରିଚାଳକ, ସ୍ୱେଚ୍ଛାସେବୀ ସଂସ୍ଥା (NGO) କ୍ଷେତ୍ର |
| କୃଷି-ଇନପୁଟ୍ ଶିଳ୍ପ | ବୀଜ, ସାର, କୀଟନାଶକ, ଜଳସେଚନ, କୃଷି ଯନ୍ତ୍ରପାତି ଏବଂ ଜୈବ-ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ |
| ଖାଦ୍ୟ ପ୍ରକ୍ରିୟାକରଣ | ଖାଦ୍ୟ ପ୍ରକ୍ରିୟାକରଣ ଅଧିକାରୀ / ପରିଚାଳକ, ଗୁଣବତ୍ତା ନିୟନ୍ତ୍ରଣ ଅଧିକାରୀ / ପରିଚାଳକ, କ୍ରୟ ଅଧିକାରୀ, ଉତ୍ପାଦନ ତତ୍ତ୍ୱାବଧାରକ, ଯୋଗାଣ ଶୃଙ୍ଖଳା କାର୍ଯ୍ୟନିର୍ବାହୀ |
| ଶିକ୍ଷାଦାନ | ପ୍ରଶିକ୍ଷକ କିମ୍ବା ଅଧ୍ୟାପକ (ଆବଶ୍ୟକ ସ୍ଥଳେ ଉଚ୍ଚତର ଯୋଗ୍ୟତା ଅର୍ଜନ ପରେ) |
| ସ୍ୱ ଉଦ୍ୟୋଗୀକରଣ | ବ୍ୟବସାୟିକ କୃଷି, ମଞ୍ଜି ଉତ୍ପାଦନ, ନର୍ସରୀ, ଜୈବିକ କୃଷି, ଛତୁ ଚାଷ, କୃଷି-କ୍ଲିନିକ୍, କୃଷି-ପରାମର୍ଶ ସେବା, କୃଷି-ପ୍ରଯୁକ୍ତି ଷ୍ଟାର୍ଟଅପ୍, କୃଷି-ଉଦ୍ୟୋଗୀକରଣ |

we also offer

**B.Tech MBA MCA M.Sc.**

**BBA, BCA & Diploma (CSE, EE, Civil & Mech)**

**8118053002 to 009, 7978190906**


## ବନ୍ୟା ପରିସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଭଦ୍ରକ, ୫/୮(ନିପ୍ର): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧକ୍ଷତାରେ ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ପୋଲିସ ଅଧୀକ୍ଷକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଉପମୁଖ୍ୟମନ୍ତ୍ରୀ ମହୋଦୟା ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବନ୍ୟା ମୁକାବିଲା, ପ୍ରଭାବିତ ଅଞ୍ଚଳର ତୁରନ୍ତ ସମାଧାନ ଏବଂ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈତରଣୀ, ସାଳନ୍ଦୀ ଓ ଆଖୁଆପଦା ନଦୀର ଜଳସ୍ତର ସ୍ଥିତି, ପ୍ରଭାବିତ ଗ୍ରାମ, ବନ୍ଧ ଭଙ୍ଗା ସ୍ଥାନ, କଲଭର୍ଟ ଓ ବ୍ରିଜର ସ୍ଥିତି, ଆଶ୍ରୟ ସ୍ଥଳୀ, ମାଗଣା ରୋଷେଇ, ଶୁଷ୍କ ଖାଦ୍ୟ ଓ ପାନୀୟ ଜଳ ବିତରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପଶୁ ଚିକିତ୍ସା, ମାଛ ଜାଆଁଳା ଓ ଗୋଖାଦ୍ୟ ଯୋଗାଣ, ଚାଷ ଜମିର କ୍ଷୟକ୍ଷତି, ରାସ୍ତା, ବିଦ୍ୟୁତ୍ ଯୋଗାଯୋଗ ପୁନଃସ୍ଥାପନ ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାରେ ତୁରନ୍ତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା, ଗାଈଗୋରୁଙ୍କ ପାଇଁ ଗୋଖାଦ୍ୟର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ବିଚ୍ଛିନ୍ନ ଅଞ୍ଚଳରେ ଶୁଷ୍କ ଖାଦ୍ୟ ଓ ପାନୀୟ ଜଳର ଶତପ୍ରତିଶତ ବିତରଣ କରିବା , ଅତିରିକ୍ତ ଡାକ୍ତରୀ ଟିମ୍ ମୁତୟନ କରି ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଜଳବାହିତ ରୋଗର ପ୍ରାଦୁର୍ଭାବକୁ ରୋକିବା, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ମରାମତି କରିବ।


**AFFIDAVIT**

By virtue of an affidavit sworn before The Executive Magistrate, Kendrapara dtd.05.08.2026, I Sonali Priyadarsini Behera W/o-Himansu Mohan Patra, D/o-Sarata Chandra Behera, At-Darabachha, Po/Ps/Block-Marshaghai, Dist-Kendrapara Pin-754213 do hereby declare that I have changed my name from Sonali Priyadarshini Patra to Sonali Priyadarsini Behera. Henceforth I shall be known as Sonali Priyadarsini Behera for all purposes.

**Sd/-Sonali Priyadarsini Behera**

**AFFIDAVIT**

By virtue of an affidavit sworn before The Executive Magistrate, Sheragada, Ganjam affidavit no.816 dtd.29.06.2026, I Judhistira Behera S/o-Lt Panchu Behera At-Serankuda, Po-Dhanantara, Ps-Sheragada Dist-Ganjam do hereby declare that I have changed the name of my son's from Raunak Behera to Ronak Behera. Henceforth He will be known as Ronak Behera for all purposes.

**Sd/-Judhistira Behera**

**AFFIDAVIT**

By virtue of an affidavit before Notary, Berhampur, vide no. A345 dated: 01/08/2026, I, A. Bishnu Patra, S/o: A Dukhishyam Patra, resident: S. Sachina, PS-Beguniapada, Ganjam, declare that I have changed my name from A. Bhisma Patra to A Bishnu Patra. Henceforth, I shall be known as A Bishnu Patra for all purposes.

**Sd/-A. Bishnu Patra**


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED**, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ